୬ ପୁଣି ଅଧିନାୟକ ହେବେ ଏମ୍‌ଏସ୍ ଧୋନୀ !



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

• ବର୍ଷ–୩୨ • ସଂଖ୍ୟା–୬୭ • ୫ ଅପ୍ରେଲ ୨୦୨୫, ଶନିବାର • ଭୁବନେଶ୍ୱର • Vol -32 • Issue-67 • 5th April 2025, Saturday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


# କେନ୍ଦ୍ର କ୍ୟାବିନେଟ ଦ୍ୱାରା ଓଡିଶା ପାଇଁ ୨ଟି ରେଳ ପ୍ରକଳ୍ପ ମଞ୍ଜୁର

ଭୁବନେଶ୍ୱର, ୪।୪
ନ୍ୟୁଜ୍ ବ୍ୟୁରୋ



କେନ୍ଦ୍ର ସରକାରଙ୍କ ଅର୍ଥନୈତିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ କମିଟି ଶୁକ୍ରବାର ସାରା ଦେଶରେ ୪ଟି ରେଳ ପ୍ରକଳ୍ପ ମଞ୍ଜୁର କରିଥିବା ବେଳେ, ସେଥିରୁ ୨ଟି ପ୍ରକଳ୍ପ ଓଡିଶା ପାଇଁ ଉଦ୍ଦିଷ୍ଟ।

ଓଡିଶାର ଏହି ଦୁଇଟି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ଫୋକସ ରହିଆସିଛି ଏବଂ କେନ୍ଦ୍ର ସରକାର ନିୟମିତ ଭାବରେ ଓଡିଶା ପ୍ରତି ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ବିକାଶ ପ୍ରକଳ୍ପ ଗୁଡିକ ମଞ୍ଜୁର କରୁଛନ୍ତି, ଏହା ତାର ପ୍ରମାଣ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡିଶା ନିଶ୍ଚିତ ଭାବେ ଦେଶର ଏକ ଗ୍ରୋଥ ଇଞ୍ଜିନ ଭାବେ ବିକଶିତ ହେବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି ।

ଏହି ୨ଟି ପ୍ରକଳ୍ପ ହେଉଛି ସମ୍ବଲପୁର-ଜରପଡା(ତାଳଚେର, ଅନୁଗୋଳ) ତୃତୀୟ ଓ ଚତୁର୍ଥ ଲାଇନ ଏବଂ ଝାରସୁଗୁଡା-ସାସନ (ସମ୍ବଲପୁର) ତୃତୀୟ ଓ ଚତୁର୍ଥ ଲାଇନ ସମ୍ବଲପୁର-ଜରପଡା ପ୍ରକଳ୍ପ ପାଇଁ ୩,୯୧୭ କୋଟି ଟଙ୍କା ବିନିଯୋଗ ହେବାକୁ ଥିବାବେଳେ ଝାରସୁଗୁଡା-ସାସନ ପ୍ରକଳ୍ପ ପାଇଁ ୧,୧୮୭ କୋଟି ଟଙ୍କା ବିନିଯୋଗ ହେବ। ଉଭୟ ପ୍ରକଳ୍ପ ପାଇଁ ୫,୧୦୪ କୋଟି ଟଙ୍କା ବିନିଯୋଗ ହେବ।

ଏହି ମଲ୍ଟିଟ୍ରାକ ପ୍ରକଳ୍ପ ଗୁଡିକ ଦ୍ୱାରା ସମ୍ବଲପୁର, ଅନୁଗୋଳ ଓ ଝାରସୁଗୁଡା ଜିଲ୍ଲା ଗୁଡିକରେ ରେଳ ପରିବହନ କ୍ଷେତ୍ରରେ ବ୍ୟାପକ ଗତିଶୀଳତା ଆସିବ । ଏହି ପ୍ରକଳ୍ପ ଗୁଡିକ ରେଳ ପରିଚାଳନାକୁ ସହଜ କରିବା ସହିତ ଭିଡ ହ୍ରାସ କରିବ । ପ୍ରଧାନମନ୍ତ୍ରୀଙ୍କ ପିଏମ ଗତିଶକ୍ତି ଜାତୀୟ ମାଷ୍ଟର ପ୍ଲାନ ଅନୁଯାୟୀ ମଲ୍ଟି ମୋଡାଲ ସଂଯୋଗ ପାଇଁ ଏହି ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ କରାଯିବ।

# ୧୧ରେ ଓଡ଼ିଶାରେ ଶୁଭାରମ୍ଭ ହେବ ଆୟୁଷ୍ମାନ ଭାରତ

ଭୁବନେଶ୍ୱର, ୪।୪
ନ୍ୟୁଜ୍ ବ୍ୟୁରୋ




ଆସନ୍ତା ୧୧ ତାରିଖରେ ଓଡ଼ିଶାରେ 'ଆୟୁଷ୍ମାନ ଭାରତ' ଶୁଭାରମ୍ଭ ହେବ। ତିନିଦିନିଆ ଓଡ଼ିଶା ଗସ୍ତରେ ଆସି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଏହି ଯୋଜନାର ଶୁଭାରମ୍ଭ କରିବେ। ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଶୁକ୍ରବାର ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଆସନ୍ତା ୧୦ ତାରିଖ ରାତିରେ ଭୁବନେଶ୍ୱରରେ ପହଞ୍ଚିବେ। ସେ ୧୧ ତାରିଖରେ 'ଆୟୁଷ୍ମାନ ଭାରତ'ର ଶୁଭାରମ୍ଭ କରିବେ। ଏହା ପରେ ସେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ୧୨ ତାରିଖ ସନ୍ଧ୍ୟାରେ ଶ୍ରୀ ନଡ୍ଡା ଦିଲ୍ଲୀ ଫେରିଯିବେ ବୋଲି ଶ୍ରୀ ସାମଲ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ଆୟୁଷ୍ମାନ ଭାରତ ଯୋଜନା ଅପ୍ରେଲ ମାସରୁ ଶୁଭାରମ୍ଭ ହେବ ବୋଲି ଘୋଷଣା କରିଥିଲେ । ଏଥିରେ ୭୦ ବର୍ଷରୁ ଅଧିକ ବୟସ୍କ ପାଇବେ ଚିକିତ୍ସା ସୁବିଧା । ୭୦ ବର୍ଷରୁ ଅଧିକ ବୟସ୍କ ଲୋକ ଥିଲେ ପରିବାର ପିଛା ସର୍ବାଧିକ ଚିକିତ୍ସା ସୁବିଧା ୧୫ ଲକ୍ଷ ଟଙ୍କା ପାଇବେ। ସମୁଦାୟ ୩.୫୨ କୋଟି ଲୋକ ଏହି ଯୋଜନାରେ ଉପକୃତ ହେବେ। ରାଜ୍ୟରେ ମିଳିତ ଭାବେ କାର୍ଯ୍ୟକାରୀ ହେବ ଆୟୁଷ୍ମାନ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା।

# ପ୍ରସିଦ୍ଧ ଅଭିନେତା ମନୋଜ କୁମାରଙ୍କ ପରଲୋକ



ମୁମ୍ବାଇ, ୪।୪

ପ୍ରସିଦ୍ଧ ଅଭିନେତା ମନୋଜ କୁମାରଙ୍କର ମୁମ୍ବାଇରେ ପରଲୋକ ହୋଇଛି । ସେ ୮୭ ବର୍ଷ ବୟସରେ ମୁମ୍ବାଇର କୋକିଲାବେନ ହସ୍ପିଟାଲରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି । ମନୋଜ କୁମାରଙ୍କ ଶେଷକୃତ୍ୟ ଶନିବାର ମଧ୍ୟାହ୍ନ ୧୨ଟାରେ ମୁମ୍ବାଇର ଭିଲେ ପାର୍ଲେ ଶ୍ମଶାନରେ କରାଯିବ । ମନୋଜ କୁମାର ଜଣେ କିମ୍ବଦନ୍ତୀ ନାୟକ ଥିଲେ। ସେ ପରଦାରେ ଅନେକ ସୁପରହିଟ୍ ଚରିତ୍ରରେ ଅଭିନୟ କରିଥିଲେ। ମନୋଜ କୁମାର ତାଙ୍କ ଚଳଚ୍ଚିତ୍ର ମାଧ୍ୟମରେ ଲୋକଙ୍କ ମଧ୍ୟରେ ଦେଶପ୍ରେମର ଭାବନା ଜାଗ୍ରତ କରିଥିଲେ ଏବଂ ସେ ଦେଶାତ୍ମବୋଧକ ଚଳଚ୍ଚିତ୍ର ନିର୍ମାଣ କରିବାରେ ପ୍ରଥମ ବଲିଉଡ ଅଭିନେତା ହୋଇଥିଲେ। ଦେଶାତ୍ମବୋଧକ ଚଳଚ୍ଚିତ୍ର ପାଇଁ ଭାରତ କୁମାର ନାମରେ ପ୍ରସିଦ୍ଧ ମନୋଜ କୁମାରଙ୍କ ବିୟୋଗରେ ବଲିଉଡରେ ଶୋକର ଛାୟା ଖେଳିଯାଇଛି।

ମନୋଜ କୁମାରଙ୍କ ଜନ୍ମ ୨୪ ଜୁଲାଇ ୧୯୩୭ରେ ପାକିସ୍ତାନର ଆବୋଟାବାଦରେ ହୋଇଥିଲା। ବିଭାଜନ ପରେ ତାଙ୍କ ପରିବାର ପାକିସ୍ତାନରୁ ଦିଲ୍ଲୀ ଆସିଥିଲେ। ତାଙ୍କ ସମଗ୍ର ପରିବାରକୁ ଭାରତରେ ଶରଣାର୍ଥୀ ଶିବିରରେ ଦୀର୍ଘ ସମୟ ବିତାଇବାକୁ ବାଧ କରାଯାଇଥିଲା। ଏହି ସମୟ ମଧ୍ୟରେ ସେ ତାଙ୍କ *(ପୃଷ୍ଠା ୭ରେ)*

## ଜଗତସିଂହପୁର ଜିଲ୍ଲା ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ସରକାରୀ କଲେଜ ପ୍ରତିଷ୍ଠା, ଅଳକା ପୁନରୁଦ୍ଧାର ହେବ

ଜଗତସିଂହପୁର, ୪।୪
ନ୍ୟୁଜ୍ ବ୍ୟୁରୋ



ଜଗତସିଂହପୁର ଜିଲ୍ଲାରେ ସରକାରୀ କଲେଜ ନାହିଁ ବୋଲି ଶୁଣି ଆଶ୍ଚର୍ଯ୍ୟ ହୋଇଥିଲି। ତୁରନ୍ତ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ କଥା ହୋଇଥିଲି । ତେବେ ଜିଲ୍ଲାରେ ଚଳିତବର୍ଷ ସରକାରୀ କଲେଜ ହେବ। ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍‌ରେ ଜଗତସିଂହପୁର ଜିଲ୍ଲା ଉତ୍ସବ 'କଲ୍ଲୋଳ-୨୦୨୫'ର ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପାରାଦୀପ ଏକ ବୃହତ ବନ୍ଦରଭିତ୍ତିକ ନଗରୀ ହେବ ଜାହାଜ ମରାମତି କାରଖାନା, ପେଟ୍ରୋ କେମିକାଲ୍ସ କାରଖାନା ସମେତ ଅନେକ ଶିଳ୍ପ ପ୍ରତିଷ୍ଠା ହେବ । ଏଠାରେ ୨ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ହେବ। ବିମାନବନ୍ଦର ପ୍ରତିଷ୍ଠା ହେବ । ଏ ନେଇ ସରକାର କାମ ଆରମ୍ଭ କରି ଦେଇଛନ୍ତି । ପୂର୍ବ ସରକାର ମେକ ଇନ ଓଡ଼ିଶା କନକ୍ଲେଭ୍-୧, ୨, ୩ କଲେ କିନ୍ତୁ ଶିଳ୍ପ ଛିଡ଼ା ହୋଇପାରିଲା ନାହିଁ ବୋଲି କହି ମୁଖ୍ୟମନ୍ତ୍ରୀ କଟାକ୍ଷ କରିଥିଲେ।

ଆମ ସରକାର ଯାହା ପ୍ରତିଶ୍ରୁତି ଦେଉଛି ତାକୁ ପୂରଣ କରୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରବଳ ଇଚ୍ଛାଶକ୍ତି ଯୋଗାଇ ଦେଉଛନ୍ତି ବୋଲି ସେ କହିଥିଲେ। *(ପୃଷ୍ଠା ୭ରେ)*

# ଶେଷ ହେଲା ବଜେଟ ଅଧିବେଶନ, ୱାକଫ ସମେତ ୧୬ଟି ବିଲ୍ ଗୃହୀତ

ନୂଆଦିଲ୍ଲୀ, ୪।୪



ଶୁକ୍ରବାର ଦିନ ଲୋକସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଛି। ଏହା ସହିତ ଜାନୁଆରୀ ୩୧ ତାରିଖରୁ ଆରମ୍ଭ ହୋଇଥିବା ବଜେଟ ଅଧିବେଶନ ସମାପ୍ତ ହୋଇଛି । କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ମନ୍ତବ୍ୟ ଉପରେ ମୁଲତବୀ ପରେ ମଧ୍ୟାହ୍ନ ୧୨ ଟାରେ ଗୃହ ଆରମ୍ଭ ହେବା ମାତ୍ରେ ଲୋକସଭା ବାଚସ୍ପତି ଓମ ବିର୍ଲା ତାଙ୍କର ବିଦାୟୀ ଭାଷଣ ପଢି ନୂତନ ଅଧିବେଶନ ଆରମ୍ଭ ହେବା ପର୍ଯ୍ୟନ୍ତ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ରଖିଥିଲେ। ବାଚସ୍ପତି ବିର୍ଲା କହିଛନ୍ତି ଯେ ଅଧିବେଶନ ସମୟରେ ୧୬ଟି ବିଲ୍ ଗୃହୀତ ହୋଇଥିଲା ଏବଂ ଗୃହର ଉତ୍ପାଦକତା ୧୧୮ ପ୍ରତିଶତରୁ ଅଧିକ ଥିଲା।

ଯେତେବେଳେ ସେ କହୁଥିଲେ, ବିରୋଧୀ ସଦସ୍ୟମାନେ ବିର୍ଲାଙ୍କ ଗାନ୍ଧୀଙ୍କ ବିରୁଦ୍ଧରେ ମନ୍ତବ୍ୟ ବିରୋଧରେ ସ୍ଲୋଗାନ ଦେଇଥିଲେ ଏବଂ କହିଥିଲେ ଯେ ୱାକଫ ସଂଶୋଧନ ବିଲ ବିନା ଆଲୋଚନାରେ ଗୃହୀତ ହେବା ଦୁର୍ଭାଗ୍ୟଜନକ, ଯାହା ଗୃହର ମର୍ଯ୍ୟାଦା ବିରୁଦ୍ଧରେ ଥିଲା। ଅଧିବେଶନ ସମୟରେ, ଲୋକସଭା ବିଭିନ୍ନ ମନ୍ତ୍ରଣାଳୟ ପାଇଁ ଅନୁଦାନ ଦାବି ସହିତ ଅର୍ଥ ବିଲ ମଞ୍ଜୁର କରିବା ପରେ ସରକାର ଏହାର ବଜେଟ କାର୍ଯ୍ୟ ସମାପ୍ତ କରିଥିଲେ।

# ୧୦ ଓ ୫୦୦ ଟଙ୍କିଆ ନୋଟ୍‌ରେ ନୂଆ ଗଭର୍ଣ୍ଣରଙ୍କ ଦସ୍ତଖତ

ନୂଆଦିଲ୍ଲୀ, ୪।୪




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରାଯାଇଛି। ଆରବିଆଇ ଖୁବ ଶୀଘ୍ର ମହାତ୍ମା ଗାନ୍ଧୀଙ୍କ ଫଟୋ ଥିବା ୧୦ ଟଙ୍କା ଏବଂ ୫୦୦ ଟଙ୍କା ନୋଟ ଜାରି କରିବ। ଏହି ନୋଟ ଗୁଡ଼ିକରେ ନୂଆ ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଦସ୍ତଖତ ରହିବ। ଏହି ନୋଟଗୁଡ଼ିକର ଡିଜାଇନ ପୂର୍ବରୁ ଥିବା ମହାତ୍ମା ଗାନ୍ଧୀ (ନୂଆ) ସିରିଜ ନୋଟ ସହିତ ସମାନ ରହିବ, କେବଳ ଗଭର୍ଣ୍ଣରଙ୍କ ଦସ୍ତଖତରେ ପରିବର୍ତ୍ତନ ହେବ।

ଆରବିଆଇ ସ୍ପଷ୍ଟ କରିଛି ଯେ ପୂର୍ବରୁ ଜାରି ହୋଇଥିବା ୧୦ ଟଙ୍କା ଏବଂ ୫୦୦ ଟଙ୍କାର ସମସ୍ତ ନୋଟ ଆଗାମୀ ଦିନରେ ମଧ୍ୟ ଆଇନଗତ ମୁଦ୍ରା ଭାବେ ବୈଧ ରହିବ। ଏହା ଦ୍ୱାରା ସାଧାରଣ ଲୋକଙ୍କୁ କୌଣସି ଅସୁବିଧା ହେବ ନାହିଁ ବୋଲି କୁହାଯାଇଛି । ସଞ୍ଜୟ ମଲହୋତ୍ରା ୨୦୨୪ ଡିସେମ୍ବରରେ ଆରବିଆଇର ୨୬ତମ *(ପୃଷ୍ଠା ୭ରେ)*

# ଟ୍ରମ୍ପଙ୍କ ଟାରିଫ୍‌କୁ ନେଇ ଆକ୍ସନ ମୋଡରେ ଭାରତ ସରକାର

ନୂଆଦିଲ୍ଲୀ, ୪।୪

ଆମେରିକା ବିଶ୍ୱର ଅନେକ ଦେଶ ଉପରେ ପାରସ୍ପରିକ ଶୁଳ୍କ ଲାଗୁ କରିବାକୁ ଘୋଷଣା କରିଥିଲା। ସେହି ସମୟରେ, ଆମେରିକୀୟ ବଜାରକୁ ଯାଉଥିବା ଭାରତୀୟ ସାମଗ୍ରୀ ଉପରେ ୨୭ ପ୍ରତିଶତ ଶୁଳ୍କ ଲାଗୁ କରାଯାଇଥିଲା, ଯଦିଓ ପରେ ଏହାକୁ ୨୬ ପ୍ରତିଶତକୁ ହ୍ରାସ କରାଯାଇଥିଲା । ଭାରତୀୟ ବଜାର ଉପରେ ଆମେରିକାର ଶୁଳ୍କର ପ୍ରଭାବ ମୂଲ୍ୟାଙ୍କନ କରିବା ପାଇଁ କେନ୍ଦ୍ର ସରକାର ଏକ କମିଟି ଗଠନ କରିଛନ୍ତି।

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲଙ୍କ ନେତୃତ୍ୱରେ କେନ୍ଦ୍ର ଦ୍ୱାରା ଗଠିତ କମିଟିରେ ୪ କ୍ୟାବିନେଟ ମନ୍ତ୍ରୀ ମଧ୍ୟ ରହିବେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୁକ୍ତି ଦେଇଥିଲେ ଯେ ଏହି ପଦକ୍ଷେପଗୁଡ଼ିକ *(ପୃଷ୍ଠା ୭ରେ)*






## ଏକାଳ ପଖାଳ




ନିର୍ଦ୍ଦେଶ ଦିଅନ୍ତି ସର୍କାର ବାବୁଙ୍କୁ
ଗାଁ ଗାଁ ଯାଇ ବୁଲ
କାମ ସବୁ ଠିକ୍‌ଠାକ୍ ଚାଲିଛି କି ନାହିଁ
ହିସାବ ଦେଖିକି ଚାଲ
ହେଲେ, ଗାଁ ଲାଗେନାହିଁ ଭଲ
ସହରୀ ବାବୁ ଗାଁ ଆଡେ ଗଲେ
ହୋଇଯିବ ନାହିଁ ଭୂଲ।

# ଷ୍ଟକବଜାର ପାଇଁ କଳା ଶୁକ୍ରବାର : ୧୧ ଲକ୍ଷ କୋଟି ହରାଇଲେ ନିବେଶକ



ମୁମ୍ବାଇ, ୪।୪

ଟ୍ରମ୍ପଙ୍କ ନୂତନ ଟାରିଫ ନୀତି ପରେ ଗୁରୁବାର ଆମେରିକୀୟ ବଜାରରେ ହୋଇଥିବା ପ୍ରବଳ ହ୍ରାସର ସିଧାସଳଖ ପ୍ରଭାବ ଶୁକ୍ରବାର ଭାରତୀୟ ଷ୍ଟକ ବଜାର ସମେତ ସମଗ୍ର ଅନ୍ତର୍ଜାତୀୟ ଷ୍ଟକ ବଜାର ଉପରେ ପଡ଼ିଛି।

ଶୁକ୍ରବାର ସପ୍ତାହର ଶେଷ ବ୍ୟବସାୟ ଦିବସରେ ବାଣିଜ୍ୟ ଆରମ୍ଭରୁ ଭାରତୀୟ ଷ୍ଟକ ବଜାରରେ ପ୍ରବଳ ବିକ୍ରୟ ଦେଖିବାକୁ ମିଳିଥିଲା। ସେନସେକ୍ସ ପ୍ରାୟ ୯୩୦.୬୭ ପଏଣ୍ଟ ହ୍ରାସ ପାଇ ୭୫,୩୬୪ ପଏଣ୍ଟରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜର ସୁଚକାଙ୍କ ନିଫଟି ୩୪୫ ପଏଣ୍ଟ ହ୍ରାସ ପାଇ ୨୨,୯୦୪ ପଏଣ୍ଟରେ ବନ୍ଦ ହୋଇଛି । ଷ୍ଟକ ବଜାରରେ ଏହି ହ୍ରାସ ଫଳରେ ନିବେଶକମାନେ ପ୍ରାୟ ୧୧ ଲକ୍ଷ କୋଟି ଟଙ୍କାର କ୍ଷତି ସହିଛନ୍ତି।

ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କ ଆମେରିକା ସମେତ ସାରା ବିଶ୍ୱରେ ମାନ୍ଦାବସ୍ଥାର ଭୟକୁ ବୃଦ୍ଧି କରିଛି । ଶୁଳ୍କ ଯୋଗୁଁ, ବିଶ୍ୱର ସର୍ବବୃହତ ଅର୍ଥନୀତି ଆମେରିକାରେ ମୁଦ୍ରାସ୍ଫୀତିରେ ତୀବ୍ର ବୃଦ୍ଧି ଏବଂ ଚାହିଦା ହ୍ରାସ ପାଇବାର ଆଶଙ୍କା ରହିଛି । ଏହି କାରଣରୁ, ନିବେଶକମାନେ ଭୟଭୀତ ହୋଇ ସେୟାର ବଜାରରୁ ଟଙ୍କା ଉଠାଇ ନେଉଛନ୍ତି। ଶୁକ୍ରବାର ସମସ୍ତ କ୍ଷେତ୍ର ଯଥା ଆଇଟି, ଧାତୁ, ଔଷଧ, ତୈଳ ଏବଂ ଗ୍ୟାସ ଏବଂ ଅଟୋ ଲାଲ ରଙ୍ଗରେ ବନ୍ଦ ହୋଇଛି। ଟ୍ରମ୍ପଙ୍କ ପାରସ୍ପରିକ ଶୁଳ୍କ ଆମେରିକା ସମେତ ସାରା ବିଶ୍ୱରେ ମାନ୍ଦାବସ୍ଥାର ଭୟକୁ ବୃଦ୍ଧି କରିଛି । ଶୁଳ୍କ ଯୋଗୁଁ, ବିଶ୍ୱର ସର୍ବବୃହତ *(ପୃଷ୍ଠା ୭ରେ)*

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ୧୯୯୨ ପରଠାରୁ ସର୍ବାଧିକ ଧନୀ

ଭାରତରେ ଆୟ ବୈଷମ୍ୟ ଏକ ଚିନ୍ତାଜନକ ସ୍ତରରେ ପହଞ୍ଚିଯାଇଛି। ଧନୀକ ଶ୍ରେଣୀର ଲୋକମାନଙ୍କ ପାଖରେ ବିପୁଳ ସମ୍ପତ୍ତି ଥିବା ବେଳେ ଗରିବ ଲୋକମାନେ ଠିକ ଢଙ୍ଗରେ ଜୀବନ କାଟିବାକୁ ସଂଘର୍ଷ କରୁଛନ୍ତି। ଗତ ୧୦୦ ବର୍ଷ ଭିତରେ ଏଭଳି ସ୍ଥିତି ଦେଶରେ ଦେଖିବାକୁ ମିଳିନଥିଲା। ବର୍ତ୍ତମାନ ସମୟର ସ୍ଥିତି ଉପନିବେଶବାଦ ବେଳର ସ୍ଥିତିଠାରୁ ଖରାପ ରହିଛି। ପରାଧୀନ ସମୟରେ ମଧ୍ୟ ଦେଶରେ ଆୟ ବୈଷମ୍ୟର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିନଥିଲା। ୱାର୍ଲଡ୍ ଇନ୍‌ଇକ୍ୱାଲିଟି ଲ୍ୟାବ୍ର ଏକ ରିପୋର୍ଟ ଅନୁଯାୟୀ ଦେଶ ଜନସଂଖ୍ୟାର ୧ ପ୍ରତିଶତ ବଡ଼ ଧନୀଙ୍କ ପାଖରେ ଜାତୀୟ ଆୟର ସିଂହ ଭାଗ ଅର୍ଥାତ ୨୨.୬ ପ୍ରତିଶତ ଧନ ରହିଛି। ଆର୍ଥିକ ସ୍ତରରେ ଦୁର୍ବଳ ଥିବା ଜନସଂଖ୍ୟାର ୫୦ ପ୍ରତିଶତ ଲୋକଙ୍କ ପାଖରେ ଜାତୀୟ ଆୟର ମାତ୍ର ୧୫ ପ୍ରତିଶତ ରହିଛି। ଜାତୀୟ ସମ୍ପତ୍ତିର ଉପଯୁକ୍ତ ବଣ୍ଟନକୁ ନିଶ୍ଚିତ କରିବା ଲାଗି ଟିକସ ନିୟମରେ ପରିବର୍ତ୍ତନ ଆଣିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

ଦେଶ ଜନସଂଖ୍ୟାରେ ଥିବା ୧ ପ୍ରତିଶତ ଅତି ବଡ଼ ଧନୀଙ୍କ ପାଖରେ ଭାରତରେ ଯେତିକି ସମ୍ପତ୍ତି ରହିଛି, ତାହା ବ୍ରାଜିଲ ଓ ଆମେରିକାରେ ବି ନାହିଁ। ୧୯୪୭ରେ ବ୍ରିଟିସ୍ ଶାସନରୁ ମୁକ୍ତ ହୋଇ ସ୍ୱାଧୀନ ହେବା ପରେ ୧୯୯୨ରେ ଭାରତ ଅର୍ଥନୀତିରେ ସଂସ୍କାର ଆଣିଥିଲା। ଏହାପରଠାରୁ ଦେଶରେ ବିଲିଓନେୟାର (୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକ) ସଂଖ୍ୟାରେ ନିୟମିତ ବୃଦ୍ଧି ଘଟୁଛି। ଭାରତରେ ଏବେ ବିଲିଓନେୟାର ରାଜ ଚାଲିଛି ବୋଲି ରିପୋର୍ଟରେ କୁହାଯାଇଛି। ୨୦୨୩ରେ ଦେଶର ୪୦.୧ ପ୍ରତିଶତ ସମ୍ପତ୍ତି ଧନୀ ଲୋକଙ୍କ ପାଖରେ ଥିଲା ଯାହା ୧୯୬୧ ପରେ ସର୍ବାଧିକ। ମୋଟ ଆୟରେ ଧନୀଙ୍କ ଭାଗ ୨୨.୬ ପ୍ରତିଶତ ରହିଛି ଯାହା ୧୯୯୨ ପରଠାରୁ ସର୍ବାଧିକ। ରିପୋର୍ଟରେ କୁହାଯାଇଛି ଯେ ଶିକ୍ଷାର ଅଭାବ ଯୋଗୁଁ ବହୁ ଲୋକ ସ୍ୱଳ୍ପ ବେତନରେ ଫସିରହିଛନ୍ତି। ସେଥିପାଇଁ ତଳ ସ୍ତରରେ ଥିବା ୫୦ ପ୍ରତିଶତ ଓ ମଧ୍ୟବିତ୍ତ ବର୍ଗର ୪୦ ପ୍ରତିଶତ ଲୋକଙ୍କ ଅଭିବୃଦ୍ଧି ଆଶାନୁରୂପ ହୋଇପାରିନାହିଁ। ୧୯୬୧ରେ ୧୦୦ କୋଟି ଡଲାରରୁ ଅଧିକ ସମ୍ପତ୍ତିର ମାଲିକଙ୍କ ସଂଖ୍ୟା ଦେଶରେ ମାତ୍ର ଏକ ଥିଲା। ୨୦୨୨ରେ ସେଭଳି ଲୋକଙ୍କ ସଂଖ୍ୟା ୧୬୨ରେ ପହଞ୍ଚିଛି। ଦେଶର ଦୁଇ ବଡ଼ ଧନୀ ହେଉଛନ୍ତି ମୁକେଶ ଅମ୍ବାନି ଓ ଗୌତମ ଆଦାନି। ଦେଶର ୧୦,୦୦୦ ବଡ଼ ଧନୀଙ୍କ ପାଖରେ ହାରାହାରି ଭାବେ ୨୨,୬୦୦ କୋଟି ଟଙ୍କାର ସମ୍ପତ୍ତି ରହିଛି। ଦେଶର ଜଣେ ସାଧାରଣ ଲୋକଙ୍କ ସମ୍ପତ୍ତି ତୁଳନାରେ ତାହା ୧୬,୭୬୩ ଗୁଣା ଅଧିକ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ


ଶ୍ରୀ ଅଭିରାମ ସରସ୍ୱତୀ

ତୃତୀୟ ଅଧ୍ୟାୟ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। (୧)
ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ । (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି। (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି। (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି। (୭)

ମଦ, ମାଂସ, ନାରୀ ତ୍ରିଶୂଳକୁ ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାସେ ଭରି
କରି ଦିଏ ହତଶିରୀ। (୮)

ମତୁଆଲା ପରି ମନ ତ ସବୁରି
ମୁରବି ନାହିଁ କାହାରି
ମନ ପଞ୍ଜୁରିରେ ପାଳନ୍ତି ମଞ୍ଜାରୀ
ମୁଖେ କହୁଥାନ୍ତି ହରି । (୯)

ମର୍କତ ପରାୟେ ଭାବନା ସବୁରି
ଭକତି ନାହିଁ କାହାରି
ମନରେ ପୁରିଛି ମଇଳାରେ ଭାରି
କେ କାହିଁ ଚିହ୍ନିବ ହରି । (୧୦)

ମନ୍ଦର ପର୍ବତ ପରି ଅହଂକାରୀ
ମନୁଷ୍ୟ ଶରୀର ଧରି
ମନ୍ଦ ଉଦ୍ଦେଶ୍ୟକୁ ହୃଦୟରେ ଭରି
କହନ୍ତି ନେତା ସବୁରି। (୧୧)
ମଗର ପରାୟେ ମନ ତ ତାଙ୍କରି
ଉପର ଚିକ୍କଣ ଭାରି
ମଧୁର ମଧୁର କଥା କହି କରି
ଜୀବନରୁ ଦେବେ ମାରି । (୧୨)
ମଶା ମାଛି ମୂଷା ସ୍ୱଭାବକୁ ଧରି
ଶୋଷନ୍ତି ରକ୍ତ ସବୁରି
ମନକୁ ଗୋପନ କରି ମୂଷା ପରି
ଘୁରୁଥାନ୍ତି ମାଛି ପରି । (୧୩)

ମନ୍ତ୍ରୀ ପରିଷଦ କଳ୍ପନାକୁ ଧରି
କରୁଥିବେ ନେତାଗିରି
ମଦୁଆ ମାତାଲ ଠିକାଦାର ଧରି
କୁହୁଡି ଥିବେ ପହଁରି। (୧୪)

ମନଟି ତାଙ୍କର ମାଓବାଦୀ ପରି
ମାଫିଆ ଉଠା ବେପାରୀ
ମଙ୍ଗ କରିଥାନ୍ତି ସମାଜକୁ ଧରି
କହିଲି ଭକ୍ତରେ ଠାରି। (୧୫)
ମନ୍ତ୍ର ଯନ୍ତ୍ର ତନ୍ତ୍ର ଭାବନାକୁ ଧରି
ମନ ଟଳିବ ସବୁରି
ମହାବାତ୍ୟା ପରି ମିଥ୍ୟା ଭାବ ଧରି
ଦିନରେ କରିବେ ଚୋରି (୧୬)

ମହୁଲି ବେପାରୀ ଦେଶୀ ମଦ ଧରି
ମାରିବେ ଛାପ ସର୍କାରୀ
ମଦ ନାରୀ ଧନ ଲାଞ୍ଚଦେଇ କରି
ଲୁଟିବେ ପ୍ରଜାଙ୍କ ଶିରୀ। (୧୭)

ମଶାଣି ଗୋଚର ସବୁ ନେବେ ହରି
ପାହାଡ ପର୍ବତ ଧରି
ମହାମାୟା ଲୀଳା କହିଲିରେ ଠାରି
ବନଲତା ଯିବ ସରି । (୧୮)

ମଉଜ କରିବେ କମ୍ପାନୀକୁ ଧରି
ପ୍ରଜା ହେବେ ମରାମରି
ମରଦ ପଣିଆ ଦେଖାଇବେ ଭାରି
ବିଦେଶୀ ପୁଞ୍ଜିକୁ ଧରି । (୧୯)
ମଣି ଖଣି ସବୁ କରିବେ ବିକିରି
କ୍ଷେତ ନଥିବ କାହାରି
ମନ ଭୁଲାଣିଆ ସ୍ଲୋଗାନ କରି
ଓଡ଼ିଶା ଯିବେ ପାଶୋରି (୨୦)

(କ୍ରମଶଃ)

# ବଧୂ ବିଦେଶିନୀ–୨୦

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଏକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ

## ୩୪.ଅଗ୍ରଗତି ପଥେ ମଂଜୁଳିକାର ଶିକ୍ଷାଦାନ କାର୍ଯ୍ୟ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବାଳିକା ବିଦ୍ୟାଳୟ ଶ୍ରେଷ୍ଠୀଙ୍କ ଗୃହ ମଧ୍ୟରେ ଏକ ପ୍ରକୋଷ୍ଠରେ ଆରମ୍ଭହେଲା। ଆଚାର୍ଯ୍ୟ ଆର୍ଯ୍ୟଦତ୍ତ ଏହାର ଉଦ୍‌ଘାଟନ କଲେ ଓ ଗୃହମୁଖ୍ୟା ଭାନୁମତୀଦେବୀଙ୍କ ନାମରେ ବିଦ୍ୟାଳୟ ପ୍ରତିଷ୍ଠା ହେଲା ବୋଲି ଘୋଷଣା କଲେ। ମାଉସୀମା' ଭାନୁମତୀ ସମସ୍ତ ଉପସ୍ଥିତ ଛାତ୍ରୀ ତଥା ନାରୀ ଦର୍ଶକଙ୍କୁ ଉଦ୍‌ବୋଧନ ଦେଲେ। ଆରମ୍ଭ ହେଉ ହେଉ ଦର୍ଶକ ଭାବରେ ନାରୀମାନଙ୍କ ସଂଖ୍ୟା ବୃଦ୍ଧି ହେବାରୁ ବିଦ୍ୟାଳୟ ସ୍ଥାନ ଗୃହ ମଧ୍ୟସ୍ଥ ମୁକ୍ତ ପ୍ରାଙ୍ଗଣକୁ ଉଠାଇନେବାକୁ ପଡିଲା। ମାଉସୀମା'ଙ୍କ ନିର୍ଦ୍ଦେଶ କ୍ରମେ ପ୍ରଥମେ ମୁଁ ଓ ମୋ ପରେ କ୍ରମାନ୍ୱୟରେ ସୁହାସିନୀ, ମଂଜୁଳା, ଗୁରୁମାତା ଓ ମାଉସୀମା' ପଠନ କାର୍ଯ୍ୟ କରି ଅନେକ ପଶୁପକ୍ଷୀ ତଥା ରାମାୟଣାଦିର କାହାଣୀମାନ ଶୁଣାଇଲୁ। ଯେପରି ପଞ୍ଚତନ୍ତ୍ରର ପ୍ରଣେତା ବିଷ୍ଣୁ ଶର୍ମା, ରାଜପୁତ୍ରମାନେ ବିଦ୍ୟା ଅଧ୍ୟୟନ ପ୍ରତି ବିମୁଖ ଥିଲେ ମଧ୍ୟ, ପଶୁପକ୍ଷୀଙ୍କ ଗଳ୍ପ ସେମାନଙ୍କୁ କହି ବିଦ୍ୟାନୁରାଗୀ କରିଦେଇଥିଲେ, ସେପରି ମଂଜୁଳାର ବିଦ୍ୟାଳୟର ସମସ୍ତ ଛାତ୍ରୀ ଓ ଆବାଳବୃଦ୍ଧ ବନୀତାଙ୍କ ଉପରେ ତାହା ଯାଦୁପରି କାମକଲା। ତଦନୁରୂପ ଅବସ୍ଥା ବାଳକ ବିଦ୍ୟାଳୟ କ୍ଷେତ୍ରରେ ମଧ୍ୟ ଘଟିଲା।

ମାଉସୀମା'ଙ୍କ ପାଖକୁ ସମ୍ବାଦ ଆସିଲା ଯେ ଗାଁ ମଧ୍ୟରେ ଅନେକ ଅନୌପଚାରିକ ତଥାକଥିତ ବିଦ୍ୟାଳୟମାନ କାର୍ଯ୍ୟକାରୀ ହୋବାକୁ ଲାଗୁଛି, ଯାହାର ଶିକ୍ଷକ ଶିକ୍ଷୟତ୍ରୀ ଥିଲେ ଗ୍ରାମର ବୃଦ୍ଧ ଓ ବୃଦ୍ଧାମାନେ। ଏପରି କି ଆଗ୍ରହୀ ଯୁବକ ଯୁବତୀମାନେ ମଧ୍ୟ ବାଳିକା ବାଳିକାଙ୍କୁ ଡାକି ନିଜର ଲବ୍‌ଧ ଜ୍ଞାନକୁ ବିତରଣ କାରିବାକୁ ଲାଗିଗଲେ। କେବଳ ଏତିକି ନୁହେଁ ଅନ୍ୟ ଗ୍ରାମମାନଙ୍କରେ ମଧ୍ୟ ଏହା ପ୍ରସାରିତ ହେଲା। ପଡୋଶୀ ଗ୍ରାମରୁ ଓଳାସୁଣୀକୁ କୌଣସି କାମରେ ଆସୁଥିବା ବ୍ୟକ୍ତିମାନେ ମଧ୍ୟ ଲୋଭ ସମ୍ବରଣ ନ କରି ଏପରି ଶିକ୍ଷା ଗ୍ରହଣ କାର୍ଯ୍ୟରେ ସମୟ ଦେଖି ଯୋଗଦାନ କରି ଚାଲିଲେ। ଅତଏବ ଚତୁର୍ଦ୍ଦିଗରେ ଏପରି ପ୍ରତିଷ୍ଠିତ ବିଦ୍ୟାଳୟମାନଙ୍କ ନାମ ସହ ସାଧବ ପରିବାରର ସୁନାମ ମଧ୍ୟ ବ୍ୟାପକ ହେଲା।

ବିଦ୍ୟାଳୟର ପ୍ରାରମ୍ଭ ଭାବେ ତ୍ୱରାନ୍ୱିତ ଅଗ୍ରଗତି ହେବାପରେ ଅଳ୍ପକିଛି ମଂଜୁଳା ଘରେ ଦିନ ରହି ଆମ୍ଭେ ଲଳିତଗିରି ପ୍ରତ୍ୟାବର୍ତ୍ତନ କଲୁ। ତା'ପରେ ପ୍ରତିମାସରେ ୨-୩ ଥର ଆସି ମାଉସୀମା', ମଂଜୁଳା ଓ ଶୁଭ୍ରକାନ୍ତଙ୍କୁ ସେଠାରେ ସାହାଯ୍ୟ କଲୁ। ସମସ୍ତେ ଏହି ବିଦ୍ୟାଳୟର ଅଭିବୃଦ୍ଧିରେ ଆନଂଦିତ। କେବଳ ଅପେକ୍ଷାରତ ରହିଲୁ ୪-୫ ମାସ ପରେ ଶ୍ରେଷ୍ଠୀ ସୋମନାଥ ଆସିଲା ପରେ ଏହାକୁ ସ୍ଥାୟୀ ଅନୁଷ୍ଠାନ କରିବାକୁ। ଆଚାର୍ଯ୍ୟ, ଗୁରୁମାତା ଓ ଆମ୍ଭେଦ୍ୱୟ ଲଳିତଗିରିରେ ସର୍ବତ୍ର ଏହି ଶିକ୍ଷାପ୍ରସାର ଉଦ୍ୟମ ବିଷୟରେ ଅବଗତ କରାଇଲୁ। ଆଚାର୍ଯ୍ୟ ମଧ୍ୟ ଆମ୍ଭ ମହାବିଦ୍ୟାଳୟର ଅଧକ୍ଷ ଓ ଅଧ୍ୟାପକ ମଣ୍ଡଳିଙ୍କ ଦୃଷ୍ଟିଗୋଚରକୁ ଏ ବିଷୟ ଆଣିଲେ।

ଶେଷରେ ପ୍ରତୀକ୍ଷାର ଅବସାନ ହେଲା। ବସନ୍ତ ଋତୁ ଆସିଲା। ସାଧବମାନେ ସୁବର୍ଣ୍ଣଭୂମି ଅଂଚଳରୁ ବାଣିଜ୍ୟ କରି କଳିଂଗ ପ୍ରତ୍ୟାବର୍ତ୍ତନ କଲେ। ମାଉସୀମା', ମଂଜୁଳା, ଶୁଭ୍ରକାନ୍ତ ଓ ଅନ୍ୟାନ୍ୟ ପରିଜନମାନେ ଶ୍ରେଷ୍ଠୀଙ୍କୁ ସ୍ୱାଗତପୂର୍ବକ ଆଣିବା ନିମିତ୍ତ ଚେଲିତାଲୋ ପୋତାଶ୍ରୟକୁ ଗଲେ। ସେମାନେ ସ୍ୱାଗତ ଓ ବଂଦାପନା କରି ସାଧବ ସୋମନାଥ ଓ ତାଙ୍କ ସହଯୋଗୀମାନଙ୍କ ସହ ନଦୀ ମଧ୍ୟ ଦେଇ ଏକାଧିକ ନୌକାରେ ଗ୍ରାମକୁ ଆସିଲେ। ସର୍ବତ୍ର ହର୍ଷୋଲ୍ଲାସ। କିନ୍ତୁ ତା' ସହିତ ମାଉସୀ ପ୍ରଭୃତିଙ୍କ ମନରେ ଦ୍ୱିଧା ଯେ ତାଙ୍କ ଉଦ୍ୟମରେ ପ୍ରତିଷ୍ଠିତ ଏ ବିଦ୍ୟାଳୟଦ୍ୱୟ ସୋମନାଥଙ୍କ ସ୍ୱୀକୃତି ପାଇବ କି ନ ପାଇ ଭଂଗ ହୋଇଯିବ। ସେ ଯାହା ହେଉ ସମସ୍ତେ ଆଶଂକାରେ ଥିଲେ ମଧ୍ୟ ଦୃଢତାର ସହ ଆଗତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହେଲେ।

ଶ୍ରେଷ୍ଠୀବର ଆସିଲା ଦିନ ବିଶ୍ରାମ ନେଲେ। କଥା ପ୍ରସଂଗରେ ନିଜର ଅନୁଭୂତି ବିଷୟ କହୁଥାନ୍ତି। କିନ୍ତୁ ତା' ପରଦିନ ପରିବାରର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ବସିଲେ। ଶ୍ରେଷ୍ଠୀ ସୋମନାଥ ଏ ସମୟରେ ନିଜର ଅନୁଭୂତି, ବ୍ୟବସାୟ, ଦର୍ଶନୀୟ ସ୍ଥାନ, ରାଜାପରିବାର ସହ ବାର୍ତ୍ତାଳାପ ଆଦି କଥା ଯବଦେଶ ବିଷୟରେ କହିଚାଲିଲେ। ଆମ୍ଭପାଇଁ ପ୍ରେରିତ ହୋଇଥିବା ଦ୍ରବ୍ୟ, ବାର୍ତ୍ତା ଆଦି ବିଷୟରେ ମଧ୍ୟ କହିଚାଲିଲେ। କିନ୍ତୁ ଏ ସବୁ ମନଦେଇ ମାଉସୀମା' ଆଦି ଶୁଣୁଥିଲେ ମଧ୍ୟ ସମସ୍ତଙ୍କ ମନ ପ୍ରକୃତରେ ରହିଥିଲା ବିଦ୍ୟାଳୟର ଭାଗ୍ୟ ଉପରେ। ପରସ୍ପର ପରସ୍ପରକୁ ବାରମ୍ବାର ଚାହୁଁଥିଲେ। ବିଶେଷତଃ ମଂଜୁଳିକା ଓ ଶୁଭ୍ରକାନ୍ତ ମାଉସୀମା'ଙ୍କ ମୁହଁକୁ ଚାହିଁ ଏ ବିଷୟ ଉପସ୍ଥାପିତ କରିବାପାଇଁ ଇଙ୍ଗିତ ଦେଉଥିଲେ। ଏ ସବୁ ଶ୍ରେଷ୍ଠୀଙ୍କର ଦୃଷ୍ଟିର ବାହାରେ ନ ଥିଲା। ସେ ଏଭଳି ପରିସ୍ଥିତିରେ ମାଉସୀମା'ଙ୍କୁ ଟିକିଏ ଗମ୍ଭୀର ହୋଇ ପଚାରିଲେ, "କିଛି ତୁମ୍ଭେ କହିବାକୁ ଚାହୁଁଚ କି ? କହୁନାହଁ କାହିଁକି ?" ମାଉସୀମା' ଶଙ୍କିତ ହୋଇ କହିଲେ, "ନା, କିଛିନାହିଁ ।" ପୁଣି ଥରେ ପଚାରିଲେ ମଧ୍ୟ ନିରୁତ୍ତର।

ଶେଷରେ ମାଉସୀମା'ଙ୍କୁ ନିରୁତ୍ତର ଦେଖି ସୋମନାଥ କହିଲେ, "ହଉ ତୁମ୍ଭେ ନ କହ। ମୁଁ କହି ଦେଉଛି, ତୁମ୍ଭେ କ'ଣ କହିବାକୁ ଚାହୁଁଛ। ଭାନୁମତୀ ଦେବୀ ବିଦ୍ୟାଳୟ ବିଷୟରେ ତ ?" ମାଉସୀମା' ସାଙ୍ଗେ ସାଙ୍ଗେ କହିଲେ, " ତୁମ୍ଭେ ତ ଶୁଣିଅଛ। ତୁମ୍ଭ ନାମରେ ଆଉ ଏକ ବିଦ୍ୟାଳୟ ବି ଚାଲିଅଛି। ତୁମ୍ଭର ଅନୁପସ୍ଥିତିରେ ମୁଁ ଘରର ମୁଖ୍ୟଭାବେ ଏ ଦୁଇ ବିଦ୍ୟାଳୟର ଆରମ୍ଭ କରିଛି।"

ସାଧବବର ପୁଣି କହିଲେ, " ମୁଁ ଆସିବାପାଇଁ ୩-୪ ମାସ ଅପେକ୍ଷା କରି ଥିଲେ ହୋଇ ନ ଥା'ନ୍ତା ?"

"ଏମାନେ ଆଗ୍ରହ ପ୍ରକାଶ କଲେ। ଯବଦ୍ୱୀପର ଆଚାର୍ଯ୍ୟ, ଗୁରୁମାତା ଓ ସେ ରାଜବଂଶର କନ୍ୟାଦ୍ୱୟ ମୋତେ ପ୍ରୋତ୍ସାହିତ କଲେ। ଏକ ଉତ୍ତମ କାର୍ଯ୍ୟ। ତେଣୁ ତୁମ୍ଭେ ଏଥିରେ ଆନଂଦିତ ହେବ ବୋଲି ମୁଁ ମନେ କରି ଆରମ୍ଭ କରିଦେଲି।"

"ତେବେ ମୋତେ ବର୍ତ୍ତମାନ ପଚାରିବା ଆବଶ୍ୟକ କ'ଣ ?" ଶ୍ରେଷ୍ଠୀବର ପଚାରିଲେ ।

"ମୁଁ ଏ କାର୍ଯ୍ୟ ତୁମ୍ଭ ପକ୍ଷରୁ କରିଦେଇଛି। ତୁମ୍ଭର ଧର୍ମପତ୍ନୀର ଅଧିକାରରେ। ତୁମ୍ଭେ ଯଦି ଅନୁଚିତ ମନେ କରୁଛ, ତେବେ ସେ ଦୁଇଟିକୁ ଭଗ୍ନ କରିଦିଅ।" ମାଉସୀ ମା' କହିଲେ। "ତୁମ୍ଭେ ଗଠନ କରିଦେଲ। ମୁଁ ଭଗ୍ନ କରିଦେବି। ହୋଇଗଲା ?" ସୋମନାଥ କହିଲେ।

"ଯଦି ଚାହୁଁଛ, ମୋର ଦୋଷପାଇଁ ମୋତେ ଦଣ୍ଡବିଧାନ କର। ମୁଁ ସହିଯିବି।" ମାଉସୀମା କହିଲେ, ଶ୍ରେଷ୍ଠୀବର ଦେଖିଲେ ବହୁତ ହୋଇଗଲା। ସ୍ମିତ ହସି କହିଗଲେ, "କାହିଁକି ଦଣ୍ଡ ପାଇବ ? ଦୋଷ କରିଥିଲେ ସିନା ଦଣ୍ଡ। ତୁମ୍ଭେ ତ ଅତି ଉତ୍ତମ କାର୍ଯ୍ୟ କରିଛ ।" ଏହା ଶୁଣି ସମସ୍ତେ ବିଶ୍ୱାସ କରି ନ ପାରି ଶ୍ରେଷ୍ଠୀବରଙ୍କ ମୁହଁ ଚାହିଁ ରହିଲେ। ଶ୍ରେଷ୍ଠୀ ତତ୍‌କ୍ଷଣାତ୍ କହିଲେ, " ଚାହିଁଛ କ'ଣ ? ମୁଁ ଅତ୍ୟନ୍ତ ଆନନ୍ଦ ଯେ ମୋ ପତ୍ନୀ ମୋର ଅର୍ଦ୍ଧାଙ୍ଗିନୀ ଭାବେ ଯେଉଁ କାର୍ଯ୍ୟ କରିଛନ୍ତି ମୁଁ ସେଥିପାଇଁ ଗର୍ବିତ।" ସମସ୍ତେ ପୁଲକିତ ହୋଇ ହାତ ଯୋଡିଲେ। ପୁନଃ ଆର୍ଯ୍ୟ ସୋମନାଥ କହିଲେ, " ଆଉ ଏକ କଥା। ମୋ ପ୍ରିୟବନ୍ଧୁଙ୍କ କନ୍ୟା ତଥା ମୋର ପୁତ୍ରବଧୂ ଏ ସବୁ ପଛେ ତା'ର ବୁଦ୍ଧି ଲଗାଇଛି। ଯାହାସବୁ ମୁଁ ଶୁଣିଛି, ତା' ଆଧାରରେ ଏହା କହୁଛି। ମୋ'ପୁତ୍ର ମଧ୍ୟ ତାକୁ ସମସ୍ତ ସାହାଯ୍ୟ କରିଛି। ତୁମ୍ଭେ ସମସ୍ତେ ମୋ' ପରିବାରର ଗୌରବ ସୁନାମ ବୃଦ୍ଧି କରିଛ। ତେଣୁ ମୁଁ ତୁମ୍ଭମାନଙ୍କପାଇଁ ଅତି ଗର୍ବିତ।" ଏହା ଶୁଣି ମଂଜୁଳା ଓ ଶୁଭ୍ରକାନ୍ତ ପିତାମାତାଙ୍କ ପାଦ ଛୁଇଁ ଆଶୀର୍ବାଦ ନେଲେ।

ଅଳ୍ପକିଛି ସମୟ ହର୍ଷୋଲ୍ଲାସରେ ସମସ୍ତେ ବିତାଇଲେ। ହଠାତ୍ ଶ୍ରେଷ୍ଠୀ ଗମ୍ଭୀର ହୋଇ କହିଲେ "ମୋ କଥା ମନଦେଇ ଶୁଣ। ଏଣିକି ବିଦ୍ୟାଳୟ ପରିଚାଳନା ଭାର ମୋ'ପତ୍ନୀ ନେବେ ଓ ତାଙ୍କ ସହଯୋଗୀ ଭାବେ ମୋ ବଧୂ ଓ ପୁତ୍ର କାର୍ଯ୍ୟ କରିବେ। ଧୀରେ ଧୀରେ ବିଦ୍ୟାଳୟ ସଂଖ୍ୟା ଗ୍ରାମ ବାହାରକୁ ସଂପ୍ରସାରିତ ହେଉ। ପୁନଃ ଆମ୍ଭ ଗୃହ ମଧ୍ୟରେ ଚାଲୁଥିବା ବାଳିକା ବିଦ୍ୟାଳୟପାଇଁ ଆମ୍ଭ ଗୃହର ପୃଷ୍ଠଭାଗରେ ଏକ ଗୃହ ନିର୍ମାଣ ଶୀଘ୍ର ହେବ। ଫଳତଃ ବିଦ୍ୟାର୍ଥିନୀମାନେ ସ୍ୱାଧୀନଭାବେ ଆସି ଯାତାୟତ କରିପାରିବେ ଓ ତୁମ୍ଭେ ଦୁଇଜଣ ଯାଇ ନିର୍ବିଘ୍ନରେ ପଢାଇପାରିବ। କିନ୍ତୁ ମୋ ପୁତ୍ରକୁ ମୁଁ କହିଦେଇଛି ଯେ ସେ ବଣିକ ପୁତ୍ର ଓ ବାଣିଜ୍ୟବ୍ୟବସାୟ କରିବା ତା'ର ପ୍ରଥମଧର୍ମ। ଏଣୁ ଏଥିରେ ଅବହେଳା ହେବା ଉଚିତ ନୁହେଁ। ତାହାକରି ବଂଚୁଥିବା ସମୟ ଶିକ୍ଷାକାର୍ଯ୍ୟରେ ବିନିଯୋଗ କରିବା ବିଧେୟ। ସର୍ବଶେଷରେ ଏହା କହୁଛି ଯେ ଏ ସବୁ କାର୍ଯ୍ୟପାଇଁ ଆବଶ୍ୟକୀୟ ଧନରାଶି ମୁଁ ପର୍ଯ୍ୟାୟକ୍ରମେ ଯୋଗାଇଦେବି।" ସମସ୍ତେ ଆନଂଦ ମନରେ ସମ୍ମତି ପ୍ରଦାନ କଲେ।

ଅତଃ କ୍ରମଶଃ ବିଦ୍ୟାଳୟ ସଂଖ୍ୟା ନିକଟସ୍ଥ ଗ୍ରାମମାନଙ୍କରେ ବୃଦ୍ଧିପ୍ରାପ୍ତ ହେଲା। ପ୍ରତିଗ୍ରାମର ଶିକ୍ଷିତ ବ୍ୟକ୍ତିମାନେ ଶିକ୍ଷକ ଭାବେ କିଛି ବେତନପାଇ କାର୍ଯ୍ୟରତ ହେଲେ। ଶିକ୍ଷୟତ୍ରୀର ଅଭାବ ପରିଲକ୍ଷିତ ହେବାରୁ, କନିଷ୍ଠ କନ୍ୟାମାନଙ୍କୁ ବାଳକମାନଙ୍କ ବିଦ୍ୟାଳୟରେ ଶିକ୍ଷାପ୍ରଦାନ କରାଗଲା। ଆଚାର୍ଯ୍ୟ ଆର୍ଯ୍ୟଦତ୍ତଙ୍କ ପ୍ରଚେଷ୍ଟାରେ ଲଳିତଗିରି ବିଦ୍ୟାପୀଠ ଏ ସମସ୍ତ ବିଦ୍ୟାଳୟମାନଙ୍କୁ ସ୍ୱୀକୃତି ଦେଲେ। ଫଳତଃ ସେଗୁଡିକ ପ୍ରତିଷ୍ଠାଲାଭ କରି ବିଦ୍ୟାର୍ଥୀ ବିଦ୍ୟାର୍ଥିନୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କଲେ, ଯଦ୍ଦ୍ୱାରା କି ଏଠାରୁ ବିଦ୍ୟା ଆହରଣ କରି ସେମାନେ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇବାରେ ସକ୍ଷମ ହେଲେ। ଯେଉଁ ଛାତ୍ରଛାତ୍ରୀ ଶୀଘ୍ର ବିଦ୍ୟାଶିକ୍ଷା ଲାଭ କରିବାରେ ସମର୍ଥ ହେଲେ ସେମାନଙ୍କୁ ପ୍ରତିବର୍ଷ ଏକାଧିକ ଶ୍ରେଣୀକୁ ଉତ୍ତୀର୍ଣ୍ଣ କରିଦିଆଗଲା। ଏହିପରି ଏକବର୍ଷ ମଧ୍ୟରେ ବିଦ୍ୟା ପ୍ରସାର ଅତି ସନ୍ତୋଷଜନକ ହେଲା। ମାଉସୀମା' ମଧ୍ୟ ଧୀରେ ଧୀରେ ବିଦ୍ୟାଳୟମାନଙ୍କ ପରିଚାଳନା ଭାର ମଂଜୁଳିକା ହସ୍ତରେ ନ୍ୟସ୍ତ କରିଦେଲେ।

ଏତାଦୃଶ ଏକ ବର୍ଷର ଅବଧିରେ ବିଦ୍ୟାଳୟମାନଙ୍କ ଅଗ୍ରଗତି ହେଉଥିବା ସମୟରେ ଆମ୍ଭ ଦ୍ୱୟଙ୍କ ଶିକ୍ଷାଗ୍ରହଣ ଷଷ୍ଠବର୍ଷର ମଧ୍ୟ ଭାଗ ଅତିକ୍ରମ କରିଗଲା। ଏ ସମୟରେ ଆମ୍ଭ ଜୀବନରେ ଏକ ଘଟଣା ଘଟିତ ହେଲା ଯାହା କି ମୋ ଜୀବନ ଓ ସୁହାସୀର ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଦେଲା। ସେ ବିଷୟରେ ମୁଁ ବର୍ତ୍ତମାନ ବିଶଦରେ କହୁଛି। (କ୍ରମଶଃ)

# ନିରାମୟ ଜୀବନ ପାଇଁ ଅଶୋକାଷ୍ଟମୀ ବ୍ରତ



ଗୀତାଞ୍ଜଳି କର
ମୋ : ୭୦୦୮୯୪୭୫୨୬
ଜଗତପୁର, କଟକ

ଦେବଭୂମି ଭାରତବର୍ଷରେ ସର୍ବତ୍ର ଈଶ୍ୱରଙ୍କ ବାସ ବୋଲି ବିଶ୍ୱାସ କରାଯାଏ। ତେଣୁ ଭାରତୀୟ ସଂସ୍କୃତିରେ ପ୍ରାୟତଃ ସବୁ ପର୍ବପର୍ବାଣୀରେ ଦେବ ପୂଜନ ପୂର୍ବରୁ ସୂର୍ଯ୍ୟ ପୂଜା, ଗୋ ପୂଜା, ପ୍ରକୃତିର ପୂଜାକୁ ପ୍ରାଧାନ୍ୟ ଦିଆଯାଏ । ଶାସ୍ତ୍ରରେ ଉଲ୍ଲେଖ ଅଛି ଅନବଦ୍ୟ ସୃଷ୍ଟିରେ କୀଟ, ପତଙ୍ଗ ପଶୁ, ପକ୍ଷୀ ମଣିଷ , ସ୍ଥାବର, ଜଙ୍ଗମ ଇତ୍ୟାଦି ସମସ୍ତଙ୍କଠାରେ ଈଶ୍ୱର ବିଦ୍ୟମାନ । ତେଣୁ ବୃକ୍ଷ ପୂଜାରବିଧି ବିଧାନ ଆମ ସଂସ୍କୃତିର ମୂଳାଧାର ଅଟେ । ଆମ ଜୀବନ ମାର୍ଗରେ ବୃକ୍ଷମାନେ କଲ୍ୟାଣକାରୀ ଅଟନ୍ତି । ବୃକ୍ଷ ହିଁ ଜୀବନର ରକ୍ଷକ ସଂଗେ ସଂଗେ ଧନ, ସମ୍ପତ୍ତିର ବୃଦ୍ଧିରେ ସହାୟକ ଭାବେ କାର୍ଯ୍ୟ କରିଥାନ୍ତି ।

ଧାର୍ମିକ ତଥା ସାଂସ୍କୃତିକ ଦୃଷ୍ଟିକୋଣରୁ ଅଶୋକ ବୃକ୍ଷର ମହତ୍ତ୍ୱ ଆମ ସନାତନ ଧର୍ମରେ ଏକ ବିଶେଷ ପ୍ରସଙ୍ଗଟିଏ । ଏହି ବୃକ୍ଷ ସୌନ୍ଦର୍ଯ୍ୟ, ଶାନ୍ତି ଓ ଆଧାତ୍ମିକ ଯାତ୍ରାର ପ୍ରତୀକ ଅଟେ । ଏମିତିରେ ଅଶୋକ ବୃକ୍ଷର ବାତାବରଣରେ ଏକ ପ୍ରକାର ସକାରାତ୍ମକ ଭାବ ଆପେ ପ୍ରକଟ ହେଲା ପରି ଅନୁଭବ ହୁଏ । ତେଣୁ ପ୍ରକୃତି ପ୍ରତି କୃତଜ୍ଞତା ଜଣାଇବା ଉଦ୍ଦେଶ୍ୟ ନେଇ ପ୍ରାଚୀନ ସମୟରୁ ଅଶୋକାଷ୍ଟମୀ ବ୍ରତର ବିଧାନ ରହିଛି। ପୌରାଣିକ କଥାବସ୍ତୁର ଆଧାରରେ ଅଶୋକ ବୃକ୍ଷର ଉତ୍ପତ୍ତି ଭଗବାନ ଶିବଙ୍କର ଅଶ୍ରୁରୁ ହୋଇଥିଲା । କୁହାଯାଏ ଦିଗବିଜୟୀ ରାବଣ ଯେତେବେଳେ କଷ୍ଟରୁ ମୁକ୍ତି ପାଇବା ପାଇଁ ଶିବ ଭଗବାନଙ୍କର ତାଣ୍ଡବ ଗାୟନ କଲା ସେତେବେଳେ ଶିବ ତାଣ୍ଡବ ଲୀଳା ଆରମ୍ଭ କରିଦେଲେ । ସୃଷ୍ଟିର ସଂକଟକୁ ଲକ୍ଷ୍ୟ କରି ଦେବଗଣ ବିଷ୍ଣୁଦେବଙ୍କୁ ଜଣାଇଲେ ଏବଂ ପ୍ରାର୍ଥନା ମଧ୍ୟ କଲେ । ସେହି ତାଣ୍ଡବର ଉପରାନ୍ତେ ଶିବଙ୍କ ନୟନରୁ ଦୁଇ ବୁନ୍ଦା ଲୁହ ଝରିଥିଲା । ଫଳ ସ୍ୱରୂପ ରୁଦ୍ରାକ୍ଷ ଓ ଅଶୋକ ବୃକ୍ଷର ଉତ୍ପତ୍ତି ହେଲା ଯାହା ଜନକଲ୍ୟାଣର ଉଦ୍ଦେଶ୍ୟ ସାଧିତ ହେଲା ।

ଅଶୋକାଷ୍ଟମୀ ପର୍ବ ସମ୍ବନ୍ଧରେ ପ୍ରାଚୀନ କଥା ଉଲ୍ଲେଖ ଅଛି । ତ୍ରେତୟା ଯୁଗରେ ତ୍ରିଲୋକ ବିଜୟୀ ରାବଣ ମାତା ସୀତାଙ୍କୁ ହରଣ କରିନେଇ ଲଙ୍କାର ଅଶୋକ ବାଟିକାରେ ରଖିଥିଲା । ସମୟକ୍ରମେ ଚିର ବିୟୋଗିନୀ ସୀତା ମାତା ମହାବୀର ହନୁମାନଙ୍କଠାରୁ ଏହି ଅଷ୍ଟମୀରେ ରାମଙ୍କର ସନ୍ଦେଶ ପ୍ରାପ୍ତ ହୋଇଥିଲେ । ରାମଙ୍କର ଅମୂଲ୍ୟ ମୁଦ୍ରିକା ସହିତ ଆଶ୍ୱାସନାର ସନ୍ଦେଶ ପ୍ରାପ୍ତ ହୋଇ ମାତା ସୀତା ଶୋକ ପରିତ୍ୟାଗ କରିଥିଲେ । ଏହି ସ୍ମୃତିକୁ ଆଧାର କରି ଅଶୋକାଷ୍ଟମୀ ବ୍ରତ ପାଳନ କରାଯାଇଥାଏ । ଅଶୋକାଷ୍ଟମୀ ବ୍ରତକଥା ଆଧାରରେ ଜଣାଯାଏ ବ୍ରହ୍ମାଙ୍କ ମୁଖାରବିନ୍ଦରୁ ନିଃସୃତ ହୋଇଥିଲା କି ଚୈତ୍ର ମାସର ଶୁକ୍ଳପକ୍ଷ ଅଷ୍ଟମୀ ତିଥି ପୁନର୍ବସୁ ନକ୍ଷତ୍ରଯୁକ୍ତ ହୋଇଥିଲେ ବ୍ରତ ଫଳ ଅତ୍ୟନ୍ତ ଶୁଭଦାୟୀ ହୋଇଥାଏ । ତେଣୁ ଗରୁଡ଼ ପୁରାଣ ଉଲ୍ଲେଖ କରେ....

'ଅଶୋକାକଳିକା ହ୍ୟଷ୍ଟୌଉ ଯେ
ପିବନ୍ତି ପୁନର୍ବସୌ
ଚୈତ୍ରେ ମାସି ସୀତାଷ୍ଟମ୍ୟାଂ ନ ତେ
ଶୋକଂବାପ୍ନୁ କ୍ଷ '

ଅଶୋକ ବୃକ୍ଷକୁ ଏହି ଦିନ ବିଶେଷ ଭାବରେ ପୂଜାର୍ଚ୍ଚନା କରାଯାଏ । ଅଶୋକର ଅଷ୍ଟ କଳିକା ପ୍ରାସନ୍ନ ସ୍ୱରୂପ ନିଆଯାଏ ବୋଲି ଏହାକୁ ଅଶୋକାଷ୍ଟମୀ କୁହାଯାଏ । ଅଷ୍ଟ କଳିକାକୁ ଏହିଦିନ ସେବନ କରିବାଦ୍ୱାରା କୌଣସି ଦୁଃଖକୁ ସମ୍ମୁଖୀନ ହେବାକୁ ପଡ଼ିନଥାଏ ।





କାରଣ ମାତା ସୀତାଙ୍କର ଯେପରି ଅଶୋକ ବାଟିକାରେ ଏହିଦିନ ଦୁଃଖ ଓ ଶୋକ ନିବୃତ୍ତ ହୋଇଥିଲା ସେପରି ଜଗତ ବାସୀଙ୍କର ଦୁଃଖ, ଶୋକ ଦୂର ହେବ ବୋଲି ବିଶ୍ୱାସ । କାରଣ ଅଶୋକ ବୃକ୍ଷକୁ ହିନ୍ଦୁ ଧର୍ମରେ ଏକ ପବିତ୍ର, ଲାଭଦାୟୀ ତଥା ବିଭିନ୍ନ ମନୋରଥକୁ ପୂର୍ଣ୍ଣ କରିବାର ବୃକ୍ଷ ଭାବରେ ଜଣାଯାଏ । ଅଶୋକାଷ୍ଟମୀ ବ୍ରତ ଭଗବାନ ଶିବ ଏବଂ ଦେବୀ ପାର୍ବତୀଙ୍କୁ ଏକ ପୂର୍ଣ୍ଣ ସମର୍ପିତ ମୁଖ୍ୟ ପର୍ବ । ଅଶୋକର ଅର୍ଥ ଯେଉଁଠି ଶୋକର ଆଭାସ ନାହିଁ ଅର୍ଥାତ ପ୍ରଜାର ସମସ୍ତ ଦୁଃଖକୁ ଯିଏ ହରଣ କରି ସୁରକ୍ଷା ଦିଏ । ଏହାକୁ ଭବାନୀ ଅଷ୍ଟମୀ ମଧ୍ୟ କୁହାଯାଏ । ଅଶୋକାଷ୍ଟମୀରେ ଅଶୋକ କଳିକା ସମ୍ବନ୍ଧରେ କପିଳା ସଂହିତା ଉଲ୍ଲେଖ କରେ...

' ଅଷ୍ଟ ଅଶୋକକଳିକା
ଅଶୋକାଷ୍ଟମୀରେ
ମନ୍ତ୍ର ପୂର୍ବକ ସେଠାରେ
ଯେ ଭକ୍ଷଣ କରେ
ସମସ୍ତ ଶୋକରୁ ସେହି
ପାଇଣ ମୋଚନ
ଅନ୍ତକାଳେ ଶିବଲୋକେ
କରଇ ଗମନ '।

ବ୍ରତ ପାଳନ ଦିନ ସୂର୍ଯ୍ୟୋଦୟରୁ ଶୁଦ୍ଧ ଜଳରେ ସ୍ନାନ ସାରି ସଫାସୁତୁରା ବସ୍ତ୍ର ପରିଧାନ କରିବା ଉଚିତ । ତାପରେ ଶିବଲିଙ୍ଗଙ୍କୁ ଅଭିଷେକ କରାଯାଇ ଯଥାର୍ଥ ପୂଜାର୍ଚ୍ଚନା କରାଯାଏ । ପୂଜାରେ ଅଶୋକ ପତ୍ରକୁ ଲିଙ୍ଗରେ ପ୍ରଦାନ କରାଯାଏ । ତାପରେ ପବିତ୍ର ଅଶୋକ ବୃକ୍ଷକୁ ଗଙ୍ଗାଜଳ ଓ କଞ୍ଚାକ୍ଷୀର ଅର୍ପଣ କରାଯାଏ । ଲାଲ ରଙ୍ଗର ରକ୍ଷା ସୂତ୍ର ସାତ ଥର ଅଶୋକ ବୃକ୍ଷରେ ବୁଲାଇ ବନ୍ଧାଯାଏ ଓ ବୃକ୍ଷକୁ ପରିକ୍ରମା କରାଯାଏ । ସିନ୍ଦୁର ଓ ଅକ୍ଷତ ଚଢାଇ ଚୌମୁଖୀ ପଦୀପ ପ୍ରଜ୍ୱଳନ କରି ବୃକ୍ଷକୁ ବନ୍ଦାପନା କରାଯାଏ । ପୂଜାର୍ଚ୍ଚନା ରାମାୟଣର ଯେ କୌଣସି ଅଧ୍ୟାୟକୁ ପାଠ କରିବା ଉଚିତ । ଏହାପରେ ଅଶୋକ ପତ୍ର ପଡ଼ିଥିବା ପାଣିକୁ ପାନ କରାଯାଏ । ଆଠଟି ଅଶୋକ କଳିକାକୁ ସେବନ କରାଯାଏ । ଏହାଦ୍ୱାରା ରୋଗ ଶୋକ ଦୂରେଇ ଯାଇଥାଏ । ସେବନ ସମୟରେ ନିମ୍ନୋକ୍ତ ମନ୍ତ୍ର ପାଠ କରିଲେ ଅତ୍ୟନ୍ତ ଶୁଭପ୍ରଦ ହୋଇଥାଏ ।

'ତ୍ୱାମଶୋକ ହରାଭୀଷ୍ଟ
ମଧୁମାସ ସମୁଦ୍ଭବଂ
ପିବାମି ଶୋକସନ୍ତପଶ୍ଚୋ
ମାମଶୋକ ସଦାକୁରୁ ।'

ଆମ ଉତ୍କଳର ପରମ୍ପରାରେ ଅଶୋକାଷ୍ଟମୀର ମହତ୍ତ୍ୱ ବେଶ ଜଣାଶୁଣା । ଏକାମ୍ର କ୍ଷେତ୍ରରେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କର ଅଶୋକାଷ୍ଟମୀ ଦିନ ରୁକୁଣା ରଥଯାତ୍ରା ପାଳିତ ହୋଇଥାଏ । ରୁକୁଣା ରଯାତ୍ରାର ବୈଶିଷ୍ଟ୍ୟ ପୌରାଣିକ ଓ ଐତିହାସିକ ତଥ୍ୟରୁ ମିଳେ । ତ୍ରେତୟାରେ ପ୍ରଭୁ ଶ୍ରୀରାମ ସାତଦିନ ଧରି ନବପତ୍ରିକା ପୂଜା କରି ମାଆ ଦୁର୍ଗାଙ୍କଠାରୁ କୃପା ପ୍ରାପ୍ତ କରିଥିଲେ । ଚୈତ୍ର ଶୁକ୍ଳ ଅଷ୍ଟମୀ ଦିନ ରାବଣକୁ ନିଧନ କରିଥିଲେ । ଏହି ବିଜୟର ଉତ୍ସବ ଲୋକ ଶିକ୍ଷା ପାଇଁ ରାମଚନ୍ଦ୍ର ଉଭୟ ଶିବ ଓ ମାଆ ଦୁର୍ଗାଙ୍କୁ ରଥରେ ବସାଇ ପରିକ୍ରମା କରାଇଥିଲେ । ଏହାର ସ୍ମୃତି ସ୍ୱରୂପ ପାଳିତ ହେଉଛି ରୁକୁଣା ରଥଯାତ୍ରା ।

ପୁନଶ୍ଚ କୁହାଯାଏ ରାବଣକୁ ନିଧନ କଲାପରେ କୃପାଳୁ ରାମଚନ୍ଦ୍ର ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲେ । ବ୍ରହ୍ମହତ୍ୟା ଦୋଷରୁ ମୁକ୍ତି ଲାଗି କୁଳଗୁରୁ ବଶିଷ୍ଠଙ୍କ ନିର୍ଦ୍ଦେଶ ପାଇ ଏକାମ୍ର କ୍ଷେତ୍ରକୁ ଆସି ରାମଚନ୍ଦ୍ର ମହାପ୍ରଭୁ ଲିଙ୍ଗରାଜଙ୍କୁ ପୂଜା କରିଥିଲେ । ସେଦିନ ଚୈତ୍ର ଶୁକ୍ଳ ଅଷ୍ଟମୀ ଥିଲା ଏବଂ ଶ୍ରୀଲିଙ୍ଗରାଜ ଓ ମାଆ ଭୁବନେଶ୍ୱରୀ ରଥ ଉପରେ ଶ୍ରୀରାମଙ୍କୁ ଦର୍ଶନ ଦେଇ ଆଶୀର୍ବାଦ ପ୍ରଦାନ କରିଥିଲେ । କିମ୍ବଦନ୍ତୀରୁ ଆଉ ଏକ କଥା ଜଣାଯାଏ କି ଏଇ ଏକାମ୍ର କ୍ଷେତ୍ରରେ ଶ୍ରୀରାମ ଅନୁଜ ତିନି ଭାଇଙ୍କ ସହିତ କିଛି କାଳ ରହିଥିଲେ । ଶଙ୍କରଙ୍କ ନିର୍ଦ୍ଦେଶରେ ସେହି ସମୟରେ ଚାରୋଟି ମନ୍ଦିର ସ୍ଥାପନା କରିଥିଲେ । ଯାହା ଏବେ ପ୍ରତୀୟମାନ ହେଉଛନ୍ତି ରାମେଶ୍ୱର, ଲକ୍ଷ୍ମଣେଶ୍ୱର, ଭରତେଶ୍ୱର, ଶତ୍ରୁଘ୍ନେଶ୍ୱର ମନ୍ଦିର ମାନ । ଏହି ମନ୍ଦିରର ଲିଙ୍ଗ ପ୍ରତିଷ୍ଠା ପାଇଁ ଶ୍ରୀରାମ ମହାପ୍ରଭୁ ଲିଙ୍ଗରାଜ, ଓ ମାଆ ଭୁବନେଶ୍ୱରୀଙ୍କୁ ନିମନ୍ତ୍ରଣ କରିଥଲେ । ଚୈତ୍ର ଶୁକ୍ଳ ଅଷ୍ଟମୀ ଦିନ ଶ୍ରୀଲିଙ୍ଗରାଜ ଓ ମାଆ ଭୁବନେଶ୍ୱରୀ ସେଠାକୁ ରଥରେ ଯାତ୍ରା କରିଥିଲେ । ଏଥିପାଇଁ ଲିଙ୍ଗରାଜଙ୍କ ରଥଯାତ୍ରା ସେବେଠାରୁ କରାଯାଉଛି । କୁହାଯାଏ ରୁକୁଣା ରଥରେ ରାମେଶ୍ୱରଙ୍କ ଦୁର୍ଲଭ ଦର୍ଶନରେ କୋଟି ଜନ୍ମର ପାପତାପ ନଷ୍ଟ ହୁଏ ।

ସମସ୍ତ ମାଙ୍ଗଳିକ ତଥା ଧାର୍ମିକ କାର୍ଯ୍ୟରେ ଅଶୋକ ପତ୍ରର ପ୍ରୟୋଗ ସୁନିଶ୍ଚିତ । ଏହା ବ୍ୟତୀତ ଅଶୋକ ବୃକ୍ଷର ଛାୟା ବାସ୍ତୁଶାସ୍ତ୍ର ଉପଯୋଗୀ । ଉତ୍ତର ଦିଗରେ ଏହି ବୃକ୍ଷ ଅତ୍ୟନ୍ତ ଶୁଭଫଳ ପ୍ରଦାନ କରିଥାଏ । ଘରର ସମସ୍ତବାସ୍ତୁ ଦୋଷ ନିରାକରଣ ହୋଇ ସବୁଆଡୁ ସକାରାତ୍ମକ ଭାବନା ଆଣିଥାଏ । ଅକାଳ ମୃତ୍ୟୁ ଭୟକୁ ଦୂରୀଭୂତ କରେ ଅଶୋକର ଛାୟା । ଆୟୁର୍ବେଦ ଶାସ୍ତ୍ର କହେ ଅଶୋକ ବୃକ୍ଷ ସ୍ତ୍ରୀ ରୋଗ ନିରାକରଣ ପାଇଁ ଅମୋଘ ଔଷଧ।

ଅଶୋକାଷ୍ଟମୀ କେବଳ ଆଧାତ୍ମିକ ଧାରାର ସ୍ରୋତ ନୁହେଁ ବରଂ ସାମୁହିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ ଜଗତର ମାନବ ଜୀବନର କଲ୍ୟାଣନିମିତ୍ତ ପ୍ରଭାବିତ ବ୍ରତ । କାରଣ ପ୍ରକୃତି ଆମକୁ ଜୀବନ ପ୍ରଦାନ କରିଛି । ତେଣୁ ପ୍ରକୃତି ପ୍ରତି ଆଦର ଓ ସମ୍ମାନ ଭାବ ରଖିଲେ ହିଁ ମନୁଷ୍ୟ ଜୀବନର ପ୍ରଗତି ତଥା ଶାନ୍ତିର ପଥ ପ୍ରଶସ୍ତ ହୋଇପାରିବ । ଆସୁଥିବା ଉତ୍ତର ପିଢ଼ିମାନେ ଏହି ସୁସଂସ୍କାର ମାଧ୍ୟମରେ ପ୍ରକୃତି ଓ ମଣିଷର ଅତୁଟ ବନ୍ଧନ ସମ୍ବନ୍ଧରେ ଜ୍ଞାତ ହେବେ । ଏହାଦ୍ୱାରା ଆମର ପରିବେଶ ସୁସ୍ଥ ଓ ଉନ୍ନତ ହୋଇପାରିବ । ବ୍ରତ, ପୂଜା,ଉପାସନା ଆମ ସଂସ୍କୃତିର ପରିଚୟ । ଆଧାତ୍ମିକ ପ୍ରକ୍ରିୟାରେ ମଣିଷର ମାନସିକ ସନ୍ତୁଳନ ଠିକ ରହିଥାଏ । ଏହାଦ୍ୱାରା ବ୍ୟକ୍ତିଗତ ବିକାଶ, ମାନବୀୟ ମୂଲ୍ୟବୋଧ ତଥା ଆନ୍ତରିକ ଅନୁଭବର ଦକ୍ଷତା ଦର୍ଶାଇ ଥାଏ । ଯେଉଁ ମାର୍ଗ ସମାଜର କଲ୍ୟାଣରେ ହିତକର ବୋଲି ବିଶ୍ୱାସ ଓ ଶ୍ରଦ୍ଧା ଭରି ରହିଛି ତାକୁ ଆମର ନୈତିକ ଜୀବନ ଚର୍ଯ୍ୟାରେ ଗ୍ରହଣ କଲେ ନିରାମୟ ଜୀବନର ଭବିଷ୍ୟତ ନିଶ୍ଚିତ ଦେଖିପାରିବା।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଶବରୀ ମା'ର ଶ୍ରୀରାମ



ପ୍ରଭାତ କୁମାର ମହାପାତ୍ର



ଶବରୀକୁ ଆଶ୍ରମ ହସ୍ତାନ୍ତର କରି ମହର୍ଷି ମାତଙ୍ଗ ଯେତେବେଳେ ଦେବ ଲୋକକୁ ଯିବା ପାଇଁ ପ୍ରସ୍ତୁତ ହେଲେ, ସେ ସମୟରେ ଶବରୀ ମଧ ତାଙ୍କ ସାଙ୍ଗରେ ଯିବା ପାଇଁ ଜିଦ୍ ଧରିଲେ। ଶବରୀକୁ ସେତେବେଳେ ମାତ୍ର ଦଶ ବର୍ଷ ହୋଇଥିଲା। ସେ ମହର୍ଷି ମାତଙ୍ଗଙ୍କର ହାତ ଧରି କାନ୍ଦିବାକୁ ଆରମ୍ଭ କରିଦେଲେ। ଶବରୀର କାନ୍ଦିବା ଦେଖି ମହର୍ଷି ଖୁବ୍ ବ୍ୟାକୁଳ ହୋଇ ଉଠିଲେ। ଶବରୀକୁ ବୁଝାଇ କହିଲେ, ପୁତ୍ରୀ ! ଏହି ଆଶ୍ରମକୁ ଭଗବାନ ନିଶ୍ଚୟ ଆସିବେ। ଧୈର୍ଯ୍ୟ ଧର। ଅପେକ୍ଷାର ଫଳ ଖୁବ୍ ମିଠା ! ବ୍ୟସ୍ତ ହୁଅ ନାହିଁ। ତୁମକୁ ପ୍ରତୀକ୍ଷା କରିବାକୁ ପଡ଼ିବ।

ଅବୋଧ ଶବରୀ ଏତିକି ନିଶ୍ଚୟ ଜାଣିଥିଲା ଯେ, ଗୁରୁ ବାକ୍ୟ କେବେ ମିଥ୍ୟା ହୁଏନା। ପ୍ରଶ୍ନ କଲା, କେବେ ଆସିବେ ? ମହର୍ଷି ମାତଙ୍ଗ ତ୍ରିକାଳଦର୍ଶୀ ଥିଲେ, ଭୂତ, ଭବିଷ୍ୟତ ସବୁ ଜାଣିଥିଲେ। ଶବରୀର ପ୍ରଶ୍ନ ଆଗରେ ମହର୍ଷି ଆଣ୍ଠୁ ମାଡ଼ି ବସି ପଡିଲେ ଏବଂ ଶବରୀକୁ ପ୍ରଣାମ କରିବାକୁ ବାଧ ହେଲେ। ଆଖ ପାଖରେ ଉପସ୍ଥିତ ସମସ୍ତ ଋଷି ଗଣ ଅସାମଞ୍ଜସ୍ୟରେ ପଡିଗଲେ। ଏମିତି ଓଲଟା କାର୍ଯ୍ୟ କିପରି ହେଲା ! ଗୁରୁ ଏଠାରେ ଶିଷ୍ୟକୁ ପ୍ରଣାମ କରୁଛନ୍ତି ! ଏ କିଭଳି ହେଲା ! ମହର୍ଷିଙ୍କ ତେଜ ଆଗରେ କେହି କିଛି କହିପାରିଲେ ନାହିଁ।

ମହର୍ଷି ମାତଙ୍ଗ କହିବାକୁ ଲାଗିଲେ, ପୁତ୍ରୀ ! ବର୍ତ୍ତମାନ ତାଙ୍କର ଜନ୍ମ ହୋଇନାହିଁ। ଏବେ ରାଜା ଦଶରଥଙ୍କ ଲଗ୍ନ ମଧ ହୋଇନାହିଁ। ତାଙ୍କର କୌଶଲ୍ୟାଙ୍କ ସାଙ୍ଗରେ ବିବାହ ହେବ। ପୁନଃ ପୁଣି ଥରେ ଦଶରଥଙ୍କ ବିବାହ ସୁମିତ୍ରାଙ୍କ ସଙ୍ଗେ ହେବ। ପୁଣି ପ୍ରତୀକ୍ଷା ...। ଆଉ ତା ପରେ ସେ ଜନ୍ମ ନେବେ। ପରେ ତାଙ୍କ ବିବାହ ଜନକ ନନ୍ଦିନୀ ମାତା ଜାନକୀଙ୍କ ସାଙ୍ଗରେ ହେବ। ପିତୃ ସତ୍ୟ ପାଳନ କରିବା ପାଇଁ ସେମାନଙ୍କୁ ଚଉଦ ବର୍ଷ ବନବାସ ଯିବାକୁ ପଡ଼ିବ ଏବଂ ବନବାସର ଶେଷ ବର୍ଷ ମାତା ଜାନକୀଙ୍କ ହରଣ ହେବ। ସେତେବେଳେ ମାତା ଜାନକୀଙ୍କ ସନ୍ଧାନରେ ସେ ଏଠାକୁ ଆସିବେ। ତୁମେ ତାଙ୍କୁ କହିବ, ଆପଣ ବାନର ରାଜା ସୁଗ୍ରୀବଙ୍କ ସହ ମିତ୍ରତା କରନ୍ତୁ । ତାଙ୍କୁ ଆତତାୟୀ ବାଳୀର ସନ୍ତାପରୁ ମୁକ୍ତ କରନ୍ତୁ। ଆପଣଙ୍କ ମନସ୍କାମନା ସିଦ୍ଧ ହେବ ଆଉ ଆପଣ ରାବଣ ଉପରେ ବିଜୟ ପ୍ରାପ୍ତ କରିପାରିବେ।

ଶବରୀ କିଛି କ୍ଷଣ ପାଇଁ କିଂକର୍ତ୍ତବ୍ୟ ବିମୁଢ଼ ହୋଇଗଲା। ଅବୋଧ ଶବରୀ ଏତେ ଲମ୍ବା ପ୍ରତୀକ୍ଷାର ସମୟକୁ ମାପି ମଧ ପାରିଲାନାହିଁ। ସେ ପୁଣି ଅଧୀର ହୋଇ ପ୍ରଶ୍ନ କଲା, ଏତେ ବଡ ପ୍ରତୀକ୍ଷାର ସମୟ କିଭଳି ପୁରଣ ହେବ ଗୁରୁଦେବ ? ମହର୍ଷି ମାତଙ୍ଗ ଉତ୍ତର ଦେଲେ, ସେ ଈଶ୍ୱର ଅଟନ୍ତି, ଅବଶ୍ୟ ହିଁ ଏଠାକୁ ଆସିବେ। ଏହା ନିଶ୍ଚିତ ଅଟେ, କିନ୍ତୁ ତାଙ୍କର ଯଦି ଇଚ୍ଛା ହୁଏତ କାଳ ଦର୍ଶନର ଏହି ବିଜ୍ଞାନର ଉପରକୁ ଯାଇ ସେ କେତେବେଳେ ମଧ ଆସିପାରନ୍ତି ! କିନ୍ତୁ ଆସିବେ ନିଶ୍ଚିତ !! ଜନ୍ମ ମରଣର ଉର୍ଦ୍ଧ୍ୱକୁ ଯାଇ ତାଙ୍କୁ ଯେତେବେଳେ ଆବଶ୍ୟକ ପଡ଼ିଛି, ତେବେ ପ୍ରହଲ୍ଲାଦ ପାଇଁ ଖମ୍ବରୁ ମଧ ସେ ବାହାରି ପାରିଛନ୍ତି, ତେଣୁ ପ୍ରତୀକ୍ଷା କରିବ। ସେ କେବେ ବି କେଉଁ ସମୟରେ ମଧ ଆସିପାରନ୍ତି !! ତିନି କାଳରେ ତୁମର ଗୁରୁ ରୂପରେ ମୋତେ ସମସ୍ତେ ମନେ ରଖିବେ । ବୋଧ ହୁଏ ଏହା ହେଉଛି ମୋର ତପସ୍ୟାର ଫଳ।

ଶବରୀ ଗୁରୁଙ୍କ ଆଦେଶକୁ ମାନି ସେହି ଆଶ୍ରମରେ ହିଁ ରହିଗଲେ। ସବୁଦିନ ପ୍ରଭୁ ଶ୍ରୀ ରାମଙ୍କ ପ୍ରତୀକ୍ଷା କରି ରହୁଥାଏ। ସେ ଜାଣି ଥିଲା, ସମୟର ଚକ୍ର ତାଙ୍କର ଆଙ୍ଗୁଠିରେ ହିଁ ନାଚିଥାଏ । ସେ କେବେ ମଧ ଆସି ଯାଇ ପାରନ୍ତି ! ସବୁ ଆଡ଼େ ଫୁଲ ବିଛେଇ ପ୍ରତିଟି ମୂହୁର୍ତ୍ତ କେବଳ ତାଙ୍କରି ପ୍ରତୀକ୍ଷାରେ ! ମାସ ମାସ ବର୍ଷ ବର୍ଷ ବିତିଗଲା। ଶବରୀ ଏବେ ବୃଦ୍ଧା ହୋଇଗଲା, କିନ୍ତୁ ପ୍ରତୀକ୍ଷା ସେହି ଅବୋଧ ମନରେ ଏବେ ବି ବଞ୍ଚି ରହିଛି... ମୋ ପ୍ରଭୁ ନିଶ୍ଚିତ ଆସିବେ ! ଆଉ ସେ ଶୁଭ ମୂହୁର୍ତ୍ତ ମଧ ଆସି ପହଞ୍ଚି ଗଲା। ବିଛେଇ ହୋଇଥିବା ଫୁଲ ଉପରେ ଶ୍ରୀ ରାମଙ୍କ ଶ୍ରୀ ଚରଣ ପଡ଼ିଲା। ଶ୍ରୀରାମଙ୍କୁ ଦୂରରୁ ଦେଖି ଶବରୀର କଣ୍ଠ ଅବରୁଦ୍ଧ ହୋଇଗଲା। ଆଖିରୁ ଲୋତକ ଧାରା ବହିବାକୁ ଲାଗିଲା। ଗୁରୁଦେବଙ୍କ ବାକ୍ୟ ସତ୍ୟ ପ୍ରମାଣିତ ହେବାକୁ ଯାଉଛି। ଶେଷରେ ଭଗବାନ ତା କୁଡ଼ିଆକୁ ଆସିଲେ। ଶବରୀର ପ୍ରତିକ୍ଷାର ଫଳ ଏପରି ହେଲା ଯେ, ଯେଉଁ ରାମଙ୍କୁ କେବେ ତିନି ମାତା ମାନେ ଅଇଁଠା ଖାଇବାକୁ ଦେଇ ନଥିଲେ, ସେହି ରାମ ଆଜି ଶବରୀ ମା'ର ଅଇଁଠା ଖାଇବାକୁ ଲାଗିଲେ। କି ଅପୂର୍ବ ଦୃଶ୍ୟ ! କିଛି ସମୟ ପର୍ଯ୍ୟନ୍ତ ସେହି ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଶ୍ରୀ ମୁଖ ଦର୍ଶନ କରି ବୃଦ୍ଧା ଶବରୀର ମୁହଁରୁ ବାହାରି ପଡ଼ିଲା କିଛି ଶବ୍ଦ ! କୁହନ୍ତୁ ରାମ ! ଶବରୀର କୁଡ଼ିଆ ଘର ଖୋଜିବା ପାଇଁ ତୁମକୁ ବେଶି କଷ୍ଟ ଲାଗିଲା ନାହିଁ ତ ? ରାମ ହସି ହସି ଉତ୍ତର ଦେଲେ, ଏଠାକୁ ତ ଆସିବା ହିଁ ଥିଲା ମା' ! କଷ୍ଟର ମୂଲ୍ୟ କ'ଣ ଅଛି ? ମୋତେ କିଛି କଷ୍ଟ ଅନୁଭବ ହୋଇ ନାହିଁ ମା' !

ଜାଣିଛ ରାମ ! ତୁମର ପ୍ରତୀକ୍ଷା ସେଦିନ ଠାରୁ କରି ଆସିଛି, ଯେତେବେଳେ କି ତୁମେ ଜନ୍ମ ମଧ ହୋଇନଥିଲ ! ତୁମେ କିଏ ତାହା ମଧ ମୁଁ ଜାଣିନଥିଲି ! କେମିତି ଦେଖା ଯାଉଛ, କାହିଁକି ମୋ ପାଖକୁ ଆସିବ ! ବାସ୍ ଗୋଟିଏ କଥା ଜ୍ଞାତ ଥିଲା, କେହି ଜଣେ ପୁରୁଷୋତ୍ତମ ଆସିବେ, ଯିଏ କି ମୋ ଅପେକ୍ଷାର ଅନ୍ତ କରିବେ ! ଶ୍ରୀ ରାମ ଉତ୍ତର ଦେଲେ, ସେଥିପାଇଁ ତ ମୋର ଜନ୍ମ ପୂର୍ବରୁ ହିଁ ସ୍ଥିର ହୋଇସାରିଥିଲା ଯେ, ରାମକୁ ଶବରୀ ଆଶ୍ରମକୁ ଯିବାକୁ ହିଁ ପଡ଼ିବ । ଗୋଟିଏ କଥା କହିବି ପ୍ରଭୁ ! ଭକ୍ତିରେ ଦୁଇ ପ୍ରକାର ଶରଣାଗତି ରହିଥାଏ। ପ୍ରଥମ ବାନର ଭାବ ଆଉ ଗୋଟିଏ ମାର୍ଜାର ଭାବ। ମାଙ୍କଡ ଛୁଆ ନିଜର ସମସ୍ତ ଶକ୍ତି ଲଗେଇ ନିଜ ମା'ର ପେଟକୁ ଧରି ରଖିଥାଏ, ଯେମିତିକି ସେ ପଡ଼ିନଯାଏ ! ତାକୁ ସବୁଠାରୁ ଅଧିକ ଭରସା ତା ମା' ଉପରେ ଥାଏ। ଭକ୍ତ ନିଜର ଭଗବାନଙ୍କୁ ସମ୍ପୂର୍ଣ୍ଣ ଶକ୍ତିର ସହିତ ଧରିଥାଏ। ଦିନ ରାତି ତାର ଆରାଧନା କରିଥାଏ। କିନ୍ତୁ ମୁଁ ଏହି ଭାବନା ଗ୍ରହଣ କରିନାହିଁ। ମୁଁ ତ ସେହି ବିଲେଇ ଛୁଆ ଭଳି ଯିଏ କି କେବଳ ଧରି ନଥାଏ ପରନ୍ତୁ ନିଶ୍ଚିତ ରୂପେ ଥାଏ ଯେ, ମୋର ଜଣେ ମା' ଅଛି ନା ! ସେ ନିଜେ ମୋର ରକ୍ଷା କରିବେ। ମୁଁ ମଧ ନିଶ୍ଚିତ ଥିଲି ଯେ, ତୁମେ ନିଶ୍ଚିତ ଆସିବ ! ଆଉ ତୁମକୁ ମୁଁ କଣ ଧରିବି ?

ଶବରୀ ପୁଣି କହିବାକୁ ଲାଗିଲା, ଭାବୁଛି ଅନ୍ଧକାର ନ ଥିଲେ ଉଜ୍ୱଳକୁ କିଏ ବା ପଚାରନ୍ତା ! ତୁମେ ପ୍ରତିଷ୍ଠିତ ରଘୁକୁଳର ଭବିଷ୍ୟତ, ମୁଁ ଜଙ୍ଗଲର ଜଣେ ଶବରୀ ! ରାବଣର ଅନ୍ତ ପାଇଁ ତୁମେ ଏଠାକୁ ଆସିଛ ନଚେତ୍ କାହିଁକି ଆସିଥାନ୍ତ ? ରାମ ଗମ୍ଭୀର ହୋଇ ଶବରୀକୁ କହିବାକୁ ଲାଗିଲେ, ଭ୍ରମରେ ପଡନ୍ତୁନାହିଁ ମା' ! ରାମ କ'ଣ ରାବଣକୁ କେବଳ ବଧ କରିବା ପାଇଁ ଏଠାକୁ ଆସିଛି ? ରାବଣର ବଧ ତ ଲକ୍ଷ୍ମଣ ଭାଇ ନିଜର ଗୋଟିଏ ବାଣରେ ହିଁ କରିପାରିବ ! ରାମ ହଜାର ହଜାର କୋଶ ଚାଲି ଚାଲି ଏହି ଘୋର ଜଙ୍ଗଲକୁ ଆସିଛି, କେବଳ ତୁମକୁ ଦେଖିବା ପାଇଁ, ମିଶିବା ପାଇଁ, ଯାହା ଦ୍ୱାରା ସହସ୍ର ବର୍ଷ ପରେ ମଧ ଯେତେବେଳେ ଜଣେ ଭାରତର ଅସ୍ତିତ୍ୱ ଉପରେ ପ୍ରଶ୍ନ ପଚାରିବ ତ ଇତିହାସ ଉଚ୍ଚ ସ୍ୱରରେ ଉତ୍ତର ଦେଇପାରିବ ଯେ, ଏହି ରାଷ୍ଟ୍ରକୁ କ୍ଷତ୍ରିୟ ରାମ ଏବଂ ତାର ଶବରୀ ମା' ଉଭୟେ ମିଶି ଗଢି ଥିଲେ। ବିଶ୍ୱର ଏକମାତ୍ର ଭାରତର ସଭ୍ୟତା, ଯେଉଁଠି ଜଣେ ରାଜ ପୁତ୍ର ଅପେକ୍ଷା କରି ରହୁଛି ଏକ ବନରେ ରହୁଥିବା ବନ ବାସିନୀ ଶବରୀର ସାକ୍ଷାତ ପାଇଁ, ଚଉଦ ବର୍ଷ ବନବାସକୁ ମଧ ସ୍ୱୀକାର କରୁଛି। ରାମ ବନକୁ କେବଳ ଏଥିପାଇଁ ଆସିଛି, କାରଣ ଯେତେବେଳେ ଯୁଗ ଯୁଗର ଇତିହାସ ଲେଖାଯିବ, ସେଥିରେ ଅଙ୍କିତ ହୋଇ ରହିବ ଯେ, ଶାସନ, ପ୍ରଶାସନ ଏବଂ ସତ୍ତା ଯେତେବେଳେ ପାଦରେ ଚାଲି ଚାଲି ବନରେ ରହୁଥିବା ସମାଜର ଅନ୍ତିମ ବ୍ୟକ୍ତି ପର୍ଯ୍ୟନ୍ତ ପହଞ୍ଚି ପାରିବ, ସେହି ଦିନ ହିଁ ରାଜ୍ୟ, ରାଜ୍ୟ ହୋଇପାରିବ। ରାମର ବନର ଯାତ୍ରା, ରାବଣର ଯୁଦ୍ଧ ପାଇଁ ହୋଇନାହିଁ ମାତା ! ରାମର ଯାତ୍ରା ପ୍ରାରମ୍ଭ ହୋଇଛି ଭବିଷ୍ୟତର ଆଦର୍ଶର ସ୍ଥାପନା ପାଇଁ। ଭାରତ ବିଶ୍ୱକୁ କହି ପାରିବ ଯେ, ଅନ୍ୟାୟ ଓ ଆତଙ୍କର ଅନ୍ତ କରିବା ହିଁ ଧର୍ମ ଅଟେ। ରାମ ଆସିଛି, ଭାରତ ବର୍ଷ ବିଶ୍ୱକୁ ଶିକ୍ଷା ଦେଇପାରିବ ଯେ, ଭାରତର କୌଣସି ସୀତାର ଅପମାନର ଦଣ୍ଡ ଅସଭ୍ୟ ରାବଣର ସମ୍ପୂର୍ଣ୍ଣ ସାମ୍ରାଜ୍ୟକୁ ଜାଳି ପୋଡ଼ି ଛାର ଖାର କରିଦେବ ! ରାମ ଆସିଛି, ଭାରତ ବିଶ୍ୱକୁ ସବୁ ବେଳ ପାଇଁ ଶିକ୍ଷା ଦେବ ଯେ, ବିଦେଶରେ ବସିଥିବା ଶତ୍ରୁକୁ ସମାପ୍ତ କରିବା ପାଇଁ ଆବଶ୍ୟକ ଅଟେ, ପ୍ରଥମେ, ନିଜ ଦେଶରେ ଥିବା ସୂର୍ପଣଖା ମାନଙ୍କର ନାକ କାଟିବା ଏବଂ ଖର ଦୂଷଣ ମାନଙ୍କର ଅହଙ୍କାରକୁ ନଷ୍ଟ କରିବା।

ଶବରୀ ଆଖିରେ ଆଖିଏ ଅଶ୍ରୁ । ଧାର ଧାର ହୋଇ ବହି ଚାଲିଥାଏ। କଥାକୁ ବଦଳେଇ ଶବରୀ କହିବାକୁ ଲାଗିଲା, ବର କୋଳି ଖାଇବ ରାମ ? ରାମ ହସିଲେ, ନ ଖାଇ ମୁଁ ଯିବି ନାହିଁ ମା' ! ଶବରୀ ରାମ ଲକ୍ଷ୍ମଣଙ୍କୁ ଖାଇବାକୁ ଦେଲା। ପଚାରିଲା, ଫଳ ମିଠା ହୋଇଛି ନା ପ୍ରଭୁ ! ରାମ ଉତ୍ତର ଦେଲେ, ଏଠାକୁ ଆସି ଖଟା ମିଠାର ପ୍ରଭେଦ ଭୁଲି ଯାଇଛି ମା' ! ଖାଲି ଏତିକି ବୁଝିଛି, ଏହି ଫଳ ମୋ ପାଇଁ ଅମୃତ ସମାନ। ଶବରୀ ମୁହଁରେ ହସ ଫୁଟିବାକୁ ଲାଗିଲା, କହିଲା, ପ୍ରକୃତରେ ତୁମେ ମର୍ଯ୍ୟାଦା ପୁରୁଷୋତ୍ତମ ଅଟ ରାମ। ମୋର ତୁମକୁ କୋଟି କୋଟି ପ୍ରଣାମ !!!

*ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ*
*ମୋ-୭୮୯୪୦୦୫୪୫୫*



## ପାଇଛୁ... ପଢ଼ିଛୁ...

### ସରୁନଥିବା ରାସ୍ତା




ପ୍ରକାଶ ପାଇଛି ଲେଖିକା ମୌସୁମୀ ଦାସଙ୍କ ଗଳ୍ପ ସଂକଳନ ସରୁନଥିବା ରାସ୍ତା। ଏହା ତାଙ୍କର ୫ମ ଗଳ୍ପ ସଂକଳନ। ଏହି ସଂକଳନରେ ୧୫ ଟି ମନୋଜ୍ଞ ଗପ ଅଛି ଯାହା ଖୁବ୍ ଆତ୍ମିକ ଆବେଗରେ ଲେଖାଯାଇଛି। ତା ସହ କିଛି ଅନୁଭୂତି ଯାହାର ସୂକ୍ଷ୍ମତାକୁ ଦେଖେଇବାକୁ ଲେଖିକା ଗଳ୍ପରେ ବିଭିନ୍ନ ଚରିତ୍ରର ଅବତାରଣା କରିଛନ୍ତି। ମୌସୁମୀ ନିଜେ ଭୋଗୁଥିବା ଘଟଣାସମୂହକୁ ବର୍ଣ୍ଣନା କରିଛନ୍ତି ଖୁବ୍ ସୁନ୍ଦର ଭାବେ। ତାଙ୍କ ଗପରେ ରହିଛି ସମାଜ ପ୍ରତି ଦାୟବଦ୍ଧତା, ସଂଭ୍ରମଶୀଳତା ଏବଂ ମମତ୍ୱବୋଧ। ସର୍ବୋପରି ସେ ଜଣେ ସମ୍ବେଦନଶୀଳ ମଣିଷ ହୋଇଥିବାରୁ ସମାଜର ଉଭୟ ଦିଗକୁ ନିରେଖି ପାରିଛନ୍ତି ଆନ୍ତରିକତାର ସହ। କେଉଁଠି ପ୍ରତିବାଦର ସ୍ୱର ତୀବ୍ର କରିଛନ୍ତି ତ କେଉଁଠି ଗ୍ରହଣଶୀଳତା ସହ ସବୁକୁ ନିଜର କରିପାରିଛନ୍ତି। ସେ ଉଭୟ ଗପ ଏବଂ କବିତା ଲେଖି ଓଡ଼ିଆ ସାହିତ୍ୟ ଜଗତରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛନ୍ତି। ମୌସୁମୀଙ୍କ ଚରିତ୍ରମାନେ କଥା କହିପାରନ୍ତି, ପାଠକମାନଙ୍କ ସହ ଗପିପାରନ୍ତି। ଏପରି ଚରିତ୍ର ସବୁ ସୃଷ୍ଟି କରିବାରେ ମୌସୁମୀ ନିଜକୁ ପ୍ରସ୍ତୁତ କରିନିଅନ୍ତି ଖୁବ୍ ଶୀଘ୍ର। ତାଙ୍କ ଗଳ୍ପର ବିଷୟଟି ଖୁବ୍ ଆବେଦନପ୍ରବଣ ହୋଇଥାଏ। ଏହି ସଂକଳନରେ ଅଛି 'ତନୁଅପା, ସରୁନଥିବା ରାସ୍ତା, ରଘୁଆ, ଅଜଣା ତିଥିର ଜହ୍ନ, ସେଇ ଲୋକଟି, ଶିଖର ଆଡ଼କୁ ପାଦ, ଏକାନ୍ତବାସର ଦିନ, ବାହୁଡ଼ା, ବୋଉକାନି, ମରୀଚିକା, ଗପମା', କୁହୁଡ଼ି, ମେଘମନା, ଫେରିଆସିବାର ବେଳ, ସମାନ୍ତରାଳ ସରଳରେଖା ପ୍ରଭୃତି। ତାଙ୍କ ଗଳ୍ପ ସବୁ ବାସ୍ତବ ଏବଂ କଳ୍ପନା ଉଭୟକୁ ନେଇ ଗଢିଉଠିଛି ଯାହା ଏକ ଭଲଗଳ୍ପର ସଜ୍ଞା ବହନ କରେ। ଖୁବ ଚତୁରଭାବେ ମୌସୁମୀ ତାଙ୍କ ଗପର ଚରିତ୍ରମାନଙ୍କୁ ବୋଲ ମନାଇ ଗପଗୁଡ଼ିକୁ ବାଟ କଢାଇ ନେଇଛନ୍ତି। ପ୍ରତିଟି ଗଳ୍ପ ଆଗକୁ ପଢିବାର ଆଗ୍ରହ ସୃଷ୍ଟି କରିପାରୁଛି। ସରୁନଥିବା ରାସ୍ତାର ଗଳ୍ପଗୁଡ଼ିକ ପାଠକଙ୍କୁ ଏକ ଭିନ୍ନ ଦୁନିଆଁକୁ ନେଇଯିବ। ଏହା ପାଠକପ୍ରିୟ ହେଉ କାମନା କରୁଛୁ। ଟାଇମପାସ ଦ୍ୱାରା ପ୍ରକାଶିତ ୧୪୬ ପୃଷ୍ଠାର ଏହି ସଂକଳନର ମୂଲ୍ୟ ରହିଛି ୨୨୫ ଟଙ୍କା ମାତ୍ର।

### ବୋଉ




ପ୍ରକାଶ ପାଇଛି କବୀ ସଂଯୁକ୍ତା ଦାଶଙ୍କ ଚତୁର୍ଥ ଓଡ଼ିଆ କବିତା ସଂକଳନ 'ବୋଉ'। ସଂଯୁକ୍ତା ବୃତ୍ତିରେ ଜଣେ ବ୍ୟାଙ୍କ ଅଧିକାରୀ ହେଲେ ମଧ ସାହିତ୍ୟ ତାଙ୍କର ନିଶା। ସେ ଓଡ଼ିଆ ଏବଂ ଇଂରାଜୀ ଉଭୟ ଭାଷାରେ ଲେଖନ୍ତି। ଇଂରାଜୀରେ ମଧ ତାଙ୍କର ତିନୋଟି ପୁସ୍ତକ ପ୍ରକାଶ ପାଇଛି। ବୋଉକୁ ନେଇ ଏହା ଏକ ସୁନ୍ଦର କାବ୍ୟ। ବୋଉର ପଣତକାନି ତା ସନ୍ତାନ ପାଇଁ ଅଭୟ ଆଶ୍ରୟ। ବୋଉ କୋଳ ସ୍ୱର୍ଗ ସୁଖ। ସବୁ ସନ୍ତାନଙ୍କ ପରି ମର୍ମେ ମର୍ମେ ଏହାକୁ ଅନୁଭବ କରିଛନ୍ତି ସଂଯୁକ୍ତା। ବୋଉ ତାଙ୍କ ପାଇଁ ଚଳନ୍ତି ଇତିହାସ। ତାଙ୍କ ଭାଷାରେ...ସତରରୁ ସତୁରି ବର୍ଷ/କଥା କି କାହାଣୀ ନୁହେଁ/ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ/ଚଳନ୍ତି ଏକ ଇତିହାସ। ବୋଉକୁ ନେଇ ଏକି କାବ୍ୟ ସଂକଳନରେ ୩୦ଟି କବିତା ଲେଖିଛନ୍ତି ସଂଯୁକ୍ତା। ଖୁବ୍ ଭାବଗମ୍ଭୀର ଅଥଚ ସରଳ ଭାଷାରେ ସେ ବୁଝାଇ ଦେଇଛନ୍ତି ବୋଉ କେତେ ମହାନ, ବୋଉର ହୃଦୟ କେତେ ବିଶାଳ। ଯେମିତି ତାଙ୍କ କବିତା ନିଃସର୍ତ୍ତ ସମ୍ପର୍କରେ-ଜୀବନ ଜଞ୍ଜାଳର ରାଶି ରାଶି କ୍ଷତ/ତା' ଆୟୁଷର ପ୍ରତିଟି ରେଖାରେ/ତଥାପି ଜଗିଛି ସେ ଜାଗ୍ରତ ପ୍ରହରୀ ପରି/ସନ୍ତାନର ସଂସାରକୁ/ଆଶାବାଡି ଆଉ ମୋତିଆବିନ୍ଦୁରେ। ଚମତ୍କାର କବିତା ସବୁ ରହିଛି ଏଠାରେ। ପ୍ରେମସୁଧା ପବ୍ଲିକେସନ ଦ୍ୱାରା ପ୍ରକାଶିତ ୭୨ ପୃଷ୍ଠାର ଏହି ସଂକଳନର ମୂଲ୍ୟ ରହିଛି ୧୨୦ ଟଙ୍କା ମାତ୍ର।

### ରତମ୍




ପ୍ରକାଶ ପାଇଛି ଆଚାର୍ଯ୍ୟବିହାର ପରିଷଦର ସୁବର୍ଣ୍ଣ ଜୟନ୍ତୀ ସ୍ମରଣିକା 'ରତମ୍' ୨୦୨୪-୨୬ । ମନୋରମା ବିଶ୍ୱାଳ ମହାପାତ୍ର ଏହି ସ୍ମରଣିକାଟିକୁ ସମ୍ପାଦନା କରିଛନ୍ତି। ପରିଷଦର ବିଭିନ୍ନ ଲେଖକଙ୍କ ଲେଖାରେ ଏହା ସମୃଦ୍ଧ ହୋଇଛି। ପତ୍ରିକାର ଆରମ୍ଭରେ ପରିଷଦର ବିବରଣୀକୁ ଉପସ୍ଥାପନା କରିଛନ୍ତି ପରିଷଦର ସଂପାଦକ ଶିଶିର କୁମାର ମହାପାତ୍ର। ସମ୍ପାଦିକା ନିଜ ସଂପାଦକୀୟରେ ଆଚାର୍ଯ୍ୟ ହରିହରଙ୍କ ବିଷୟରେ ଏକ ସୁନ୍ଦର ଏବଂ ସଂକ୍ଷିପ୍ତ ବିବରଣୀ ଦେଇଛନ୍ତି। ଏହି ସ୍ମରଣିକାରେ ସ୍ଥାନ ପାଇଥିବା ବିଭାଗସବୁ 'କବିତା ଓ କବି, କଥା ଓ କଥାକାର, ପ୍ରବନ୍ଧ ଓ ପ୍ରାବନ୍ଧିକ, ଆଧ୍ୟାତ୍ମିକ ପ୍ରବନ୍ଧ ଓ ପ୍ରାବନ୍ଧିକ, ରମ୍ୟରଚନା, ଓଡ଼ିଶାର ଅମ୍ଳାନ ପ୍ରତିଭା, ଢଗଢମାଳି, ସ୍ୱାସ୍ଥ୍ୟ ଓ ସୁରକ୍ଷା, କିଶୋର ବିଭାଗ, ଅଶିତିପରଙ୍କୁ ସମ୍ବର୍ଦ୍ଧନା, ପ୍ରତିଭା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହିତ ଇଂରାଜୀ ବିଭାଗ ସବୁ ରହିଛି। ଏଥିରେ ଲେଖିଥିବା ଲେଖକମାନେ ହେଲେ-ଡ.ଅମ୍ବରୀଶ ଶତପଥୀ, ତ୍ରିବେଣୀ ଗାଙ୍ଗୁଲୀ, ଚକ୍ରଧର ତ୍ରିପାଠୀ, ବୈକୁଣ୍ଠନାଥ ସାହୁ, ନିହାରବାଳା ସାହୁ, ଡ. ଜୀବନକୃଷ୍ଣ ମହାପାତ୍ର, କବିତା ପଟ୍ଟନାୟକ, ସିଦ୍ଧାର୍ଥ ଦାସ, ଶ୍ରୀ ନିରଞ୍ଜନ ନାୟକ, ସୁଷମା ଦାସ, ଇଂ ପଞ୍ଚାନନ ନନ୍ଦ ପ୍ରମୁଖ। ଶେଷରେ ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କର ବିବରଣୀ ଦିଆଯାଇଛି। ୧୨୮ ପୃଷ୍ଠାର ଏହି ସ୍ମରଣିକାର ସହଯୋଗ ରାଶି ରହିଛି ମାତ୍ର ଏକଶତ କୋଡିଏ ଟଙ୍କା।

## ଜନ୍ମଦିନ ପରା ଆସୁଛି

*କୁଞ୍ଜବିହାରୀ ସାହୁ*

ରାମ ରାମ ରାମ ଅଯୋଧ୍ୟାର ରାମ
ଜନମଦିନଟି ଆସୁଛି
ଜନମ ଦିନଟି ପାଳିବା ପାଇଁକି
ଘର ଓ ମନ୍ଦିର ବାସୁଛି ।
ସଜା ହୋଇଲାଣି ଶ୍ରୀରାମ ମନ୍ଦିର
ଯେଉଁଠି ବା ଗଢ଼ା ହୋଇଛି
ରାମ ଲକ୍ଷ୍ମଣ ଓ ସୀତାଦେବୀଙ୍କର
ପ୍ରତିମାଟି ମନ ମୋହିଛି ।
ଜୟ ବଜରଙ୍ଗୀ ପାଦ ତଳେ ରହି
ରାମକୁ ଜୁହାର ହୁଅନ୍ତି
ଭକତ ହିଁ ସତ୍ୟ ଭଗବାନଙ୍କର
ଏଇକଥା ନିତି କୁହନ୍ତି ।
ଆସରେ ସଭିଏଁ ସତ କହୁଥିବା
ସତପଥେ ପାଦ ଥାପିକି
ଆସୁ ଝଡ଼ଝଞ୍ଜା ବାଧା ଓ ବନ୍ଧନ
ପ୍ରଭୁ ନାମେ ଯିବ ଚାପିକି ।
ଶ୍ରୀରାମ ଶ୍ରୀରାମ ନାମରେ ମହିମା
ଯିଏ ବି ଆନନ୍ଦେ ଗାଇଛି
ରାମ ରସ ଯିଏ କରିଅଛି ପାନ
ସିଏ ହିଁ ମୁକତି ପାଇଛି ।

*ପାତ୍ରପଡା, ଭୁବନେଶ୍ୱର*
*ମୋ- ୭୦୦୮୧ ୪୨୦୪୦*

## ଜଗତଟା ପଛେ ନର୍କେ ପଡିଥାଉ

*ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ*



ରାତି ପହିଲାଣି ସକାଳ ହେଲାଣି
କାଉ ରାବିଲାଣି "କା",

ପାର୍କ ଡାକିଲାଣି ତୋ ପାଦ ଛୁଇଁବ
ଜଲଦି ଜଲଦି ତୁ ଧାଁ ।

ଚାଲବୁଲ କରି, ଗୁଳି ଖଟି କରି
ଫୁଲ ଚୋରି କରି (!)
ପ୍ରସାଦେ ଫେରିବୁ
ଘରଣୀ ତୋର ଧରିକି ବସିଛି
ପରିବା ତାଲିକା,
ଜଲଦି ଜଲଦି ଯା ।।

ଦିନ ରାତି ତୋର ସରିଯାଏ ଖାଲି
ନିଜ କଥା ଭାବି ଭାବି
ନିଜ ଘରକୁ ସଜାଡି ସଜାଡି,
ନିଜେ ବଞ୍ଚିଲେ
ରଖିବୁ ବାପର ନାଁ ।।

ବାକି କଥା ସବୁ ଚୁଲିକୁ ଯାଉ
କଟକଟା ସାରା ଭାସି ଗଲେ ବି
ତୋ ମୁଣ୍ଡରେ ପସେନି କାଁ ।

ସାଇ ପଡିଶା, ବନ୍ଧୁ ବରଗ
ଲୋଡ଼ା କଣ ତୋର,
ଅନ୍ଧ କବି ତା ଲେଖିଥାନ୍ତା ହେଲେ :
ଜଗତଟା ପଛେ
ନର୍କେ ପଡିଥାଉ
ମୋ ଜୀବନ ଉଦ୍ଧାର ପା ।।

*ନୀଳାଦ୍ରି ବିହାର , ଭୁବନେଶ୍ୱର*
*ମୋ-୯୪୩୯୪୯୦୦୦୯*

## ପବିତ୍ର ଅଶୋକାଷ୍ଟମୀ

*ରାମଚନ୍ଦ୍ର ବେହେରା*



ଅଶୋକାଷ୍ଟମୀର ପୁଣ୍ୟ ତିଥି ଆଜି
ଗଡିବ ରୁକୁଣା ରଥ
ପ୍ରଭୁ ଲିଂଗରାଜ ରଥାରୂଢ ହୋଇ
ଯିବେ ରାମେଶ୍ୱର ପୀଠ
ହସିବ ଏକାମ୍ର ଧାମ
ଭକ୍ତ ଟାଣୁଥିବେ ପବିତ୍ର ରଥକୁ
ଶୁଭୁଥିବ ଶିବ ନାମ।
ବଲ୍ଲବ ଧୂପର ନୀତି ସମାପନେ
ହେବ ରଥଯାତ୍ରା ବିଧି
ଶ୍ରୀଚନ୍ଦ୍ରଶେଖର ଭଉଣୀ ରୁକ୍ମିଣୀ
ଶ୍ରୀଦୋଳଗୋବିନ୍ଦ ମୂର୍ତ୍ତି
ବାହାରିବେ ହୋଇ ସାଥୀ
ଭେଟ ଆଳତୀରେ ରଥଯାତ୍ରା ପାଇଁ
ମିଳିବ ପୂର୍ବ ସମ୍ମତି।
ପଞ୍ଚଦିନ ଯାତ୍ରା ଉତ୍କଳେ ବିଖ୍ୟାତ
ହେବ ଭକ୍ତ ସମାଗମ
ପ୍ରଭୁଙ୍କ କୃପାରୁ ମୋକ୍ଷ ପ୍ରାପ୍ତି ମିଳେ
କୁହଇ ଆମ ପୁରାଣ
ହେବ ଚନ୍ଦନର ଛେରା
ଘଣ୍ଟ ଘଣ୍ଟି ଶଙ୍ଖ କାହାଳୀ ଧ୍ୱନିରେ
ଉଚ୍ଛୁଳି ପଡିବ ଧରା।
ରାବଣକୁ ନାଶି ପ୍ରଭୁ ରାମଚନ୍ଦ୍ର
ଏକାମ୍ର କ୍ଷେତ୍ରକୁ ଆସି
ପ୍ରଭୁ ମହେଶଙ୍କୁ ପୂଜିଥିଲେ ଧ୍ୟାନେ
ବିନମ୍ର ଭାବ ପ୍ରକାଶି
ଖୁସିହୋଇ ଭୋଳାନାଥ
ପ୍ରତି ବର୍ଷ ଚୈତ୍ର ଶୁକ୍ଳ ଅଷ୍ଟମୀରେ
କରିଥାନ୍ତି ଏହି ଯାତ।
ଭୁଲି ଭେଦଭାବ ରଖି ଭକ୍ତିଭାବ
ଏ ପର୍ବ ପାଳିବେ ଜନେ
ଅଶୋକ କଢିକୁ ସମର୍ପି ଶ୍ରଦ୍ଧାଳୁ
ପୂଜିବେ ଶିବଙ୍କୁ ଧ୍ୟାନେ
ଗାଇ ପଞ୍ଚାକ୍ଷରୀ ମନ୍ତ୍ର
ପ୍ରଭୁ ମହେଶଙ୍କୁ କରିବେ ଗୁହାରି
ଶ୍ରଦ୍ଧାଳୁ ହୋଇ ଏକତ୍ର।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ଶ୍ରୀ ଦୁର୍ଗା ଦୁର୍ଗତି ହର

*ରଜତ କୁମାର କର*



ଶ୍ରୀ ଦୁର୍ଗା ଦୁର୍ଗତି ହର
ଜଗତ ଯାକର ଯେତେ ପାପ ତାପ
ମିଳାଇଯାଉ ସତ୍ୱର ।
ଅମୃତ ସନ୍ତାନ ମଣିଷର ଦେହେ
ବିଷ ଯାଇଅଛି ଚରି,
ନିଜ ସ୍ୱାର୍ଥ ପାଇଁ ଅପର ବୁକୁରେ
ମଣିଷ ଚଳାଏ ଛୁରି ।୧

ଚନ୍ଦ୍ରର ବିଜୟେ ବୁକୁ ସେ ଫୁଲାଏ
କେତେ କରେ ଦମ୍ଭପଣ,
ନିଜର ଇନ୍ଦ୍ରିୟ ପାଶେ ହାରି ସଦା
ସେ କଥା ନ ଆଣେ ମନ ।୨

ଶରୀର ସର୍ବସ୍ୱ ହୋଇ ସଦା ସିଏ
ହଜାଇଛି ଆତ୍ମା ତାର,
ସୂକ୍ଷ୍ମରେ ହରାଇ ସ୍ଥୂଳକୁ ଆଦରି
ସାଜିଛି ଆଜି ଅସୁର ।୩

ଦେବତା ମାଗିଛି ମେଲାଣି ତା ଦେହୁ
ଦାନବର ତହିଁ ବାସ,
ସତ୍ୟ ଶିବ ପ୍ରତି ସଦା ତା ବିଦ୍ୱେଷ
ସେ ଯେ ଅସୁର ମହିଷ ।୪

ମହିଷ ଅସୁର ବ୍ୟାପିଛି ସଂସାର
ଗ୍ରାସିଦେବ ଚଉଦିଶ,
ହେ ମା' ଦଶଭୁଜା ! ଘେନ ଆଜି ପୂଜା
ରାକ୍ଷସୀଶକ୍ତି ବିନାଶ ।୫

## ସ୍ମୃତିମଗ୍ନ

*ଶରତ ଦାଶ*

ଭୁଲିନାହିଁ କିଛି ଭୁଲିବାକୁ କିଛି
ସାମର୍ଥ୍ୟ ବା ଅଛି କାହିଁ
ଚଳଚ୍ଚିତ୍ର ପ୍ରାୟେ ସବୁ ଅଛି ମନେ
କିଛି ବି ପାଶୋରି ନାହିଁ ।।
ଘଟଣା ବି ଅଛି ଅଘଟଣ ସହ
ସ୍ମୃତିରେ ହୋଇ ସାଇତା
ଅଛି ବି ସଜ୍ଞାନେ ଅତି ପରିଚ୍ଛନ୍ନେ
ଯାହା ଭୁଲିବାର କଥା ।।
ସ୍ମୃତିର ପସରା କେବେ ନୁହେଁ ରିକ୍ତ
ଅନୁଭବ ଅନୁଭୂତି
କେତେ ନାହିଁ କେତେ ଅତି ଯତନରେ
ରଖିଛି ଗର୍ଭେ ସାଇତି ।।
କେବେ ସେ ହସାଏ କେବେ ସେ କନ୍ଦାଏ
କେବେ କରେ ବିଚଳିତ
କେବେ ମନେ ଭରେ ଆନନ୍ଦ ଅଶେଷ
କେବେ କରେ ଶୋକଗ୍ରସ୍ତ ।।
ସ୍ମୃତି ଅଛି ବୋଲି ଜୀବନ୍ତ ସତେଜ
ଜୀବନ ହୋଇଛି ଭବ୍ୟ
ସ୍ମୃତି ଗଲେ ନାଶ ଥାଇ ବି ଜୀବନ
ଶରୀର କେବଳ ଶବ ।।
ଆଜି ବି କରଇ ସ୍ୱପ୍ନେ ବିମୋହିତ
ପିଲାଦିନ ସ୍ମୃତିମାନ
ଆଜି ବି ଖେଳାଏ ପୁଲକ ରୋମାଞ୍ଚ
ଯୌବନର ରୋମନ୍ଥନ ।।
ଅତୀତ ଫେରେନା ପଛକୁ କେବେ ବି
ଛାଡିଯାଏ କିନ୍ତୁ ସ୍ମୃତି
ଭାବନାରେ ଆସି କରେ ଉଲ୍ଲସିତ
ସାଥେ ରହି ଦିନ ରାତି ।।
ଦେଲେ ଦେଉ ପଛେ ଯାତନା କଠିନ
ବେଳେ ବେଳେ ଗଲାଦିନ
ସ୍ମୃତିପ୍ରେମେ ମଗ୍ନ ଥାଉ ରାତିଦିନ
ଅବୁଝା ଅଝଟ ମନ ।।

*ଭୁବନେଶ୍ୱର*

## ପ୍ରଭୁ ଶ୍ରୀ ରାମ

*କାଳି ଦାସ*



ମନ୍ଦିରର ଚାରିକାନ୍ଥ ଭିତରେ
ମୋର ପ୍ରଭୁ ରାମଙ୍କ ଅସ୍ତିତ୍ୱ ସିମୀତ ତ ନୁହେ
ସର୍ବବ୍ୟାପୀ ସତ୍ତାକୁ କାହିଁକି ଖୋଜିବି ମୁଁ ମନ୍ଦିର ଭିତରେ
ସର୍ବବ୍ୟାପୀକୁ ଅନୁଭବ କରିବା ଏକ ଅଦ୍ଭୁତ ଅନୁଭୂତି
ସେହି ଅନୁଭୂତି ମିଳେନାହିଁ ମନ୍ଦିର ଦ୍ୱାରରେ
ମଣିଷଙ୍କ ମହା ସମୁଦ୍ରରେ
ପାଇ ପାରେନି ମୁଁ ଅମୃତ ସତ୍ତାକୁ
ନୀରବରେ ଏକାନ୍ତରେ
ମୁଁ ଅହରହ ଚେଷ୍ଟା ରତ, ରାତିଟିଏ
ଐଶ୍ୱରୀୟ ସତ୍ତାକୁ ଚିହ୍ନିବା ପାଇଁ।
ପ୍ରବଳ ପ୍ରୟାସ ......
ତ୍ୟାଗର ଏକ ମୂର୍ତ୍ତିମନ୍ତ ଅବତାର
ପ୍ରଭୁ ଶ୍ରୀ ରାମ।
ରାମତ୍ୱକୁ ବୁଝିବା ପାଇଁ
ପର୍ଯ୍ୟାପ୍ତ ନୁହେ ଗୋଟିଏ ଜୀବନ।
ଜନ୍ମ ମୃତ୍ୟୁର ଚକ୍ରରେ
ଘୁରି ବୁଲେ ବାରମ୍ବାର ଜୀବ
ରାମତ୍ୱ ଠାରୁ ଦୂରରେ
ଅନେକ ଦୂରରେ
ଜୀବତ୍ୱର ବଳିଷ୍ଠ ବନ୍ଧନ
ମୁକ୍ତିର ମାର୍ଗ ହଜିଯାଏ
ଜୀବତ୍ୱର ବଳିଷ୍ଠ ବନ୍ଧନ
ପଥର ଚାରିକାନ୍ଥ ଭିତରେ
ପ୍ରତିଷ୍ଠିତ ପାଷାଣ ଦେବତା
ହେ ନୀରବ ଦ୍ରଷ୍ଟା
ଓଠ ଖୋଲ ଦିଅ ଦିବ୍ୟ ଜ୍ଞାନ।
ମୁକ୍ତି ଠାରୁ ଅସୀମ ଦୂରରେ
ହେ ଦେବତା ଦିଅ ଦିବ୍ୟ ଜ୍ଞାନ
ମିଳୁ ମତେ ରାମତ୍ୱର ପବିତ୍ର ଦର୍ଶନ।

*ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର*
*ମୋ– ୭୨୦୫୧୦୦୮୩୯*

31 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର,୦୫ ଅପ୍ରେଲ, ଶନିବାର,୨୦୨୫


# ମୁମ୍ବାଇ ଇଣ୍ଡିଆନ୍ସରୁ ବାଦ୍ ପଡ଼ିଲେ ରୋହିତ ଶର୍ମା

**ନୂଆଦିଲ୍ଲୀ**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ର ୧୬ତମ ମୁକାବିଲା ପୂର୍ବରୁ ବଡ଼ ଖବର ସାମ୍ନାକୁ ଆସିଛି। ମୁମ୍ବାଇ ଇଣ୍ଡିଆନ୍ସର ପୂର୍ବତନ ଅଧିନାୟକ ତଥା ବରିଷ୍ଠ ଖେଳାଳି ରୋହିତ ଶର୍ମା ଟିମ୍‌ରୁ ବାଦ୍ ପଡ଼ିଛନ୍ତି। ତାଙ୍କୁ ଲକ୍ଷ୍ନୌ ସୁପର ଜାଏଣ୍ଟସ ବିପକ୍ଷ ଏକାଦଶରେ ସ୍ଥାନ ମିଳିନାହିଁ। ଏପରିକି ସେ ଇମ୍‌ପ୍ୟାକ୍ଟ ପ୍ଲେୟାର ତାଲିକାରେ ମଧ୍ୟ ନାହାନ୍ତି। ନେଟ୍ସରେ ଅଭ୍ୟାସ ସମୟରେ ଆଘାତ ସମସ୍ୟାକୁ ନେଇ ତାଙ୍କୁ ଦଳରୁ ବାଦ୍ ଦିଆଯାଇଛି।

ତେବେ ଚଳିତ ଆଇପିଏଲ୍‌ରେ ବହୁତ ଖରାପ ଫର୍ମ ଦେଇ ଗତି କରୁଛନ୍ତି ରୋହିତ ଶର୍ମା। ଲଗାତାର ୩ ମ୍ୟାଚ୍‌ରେ ସେ ବିଫଳ ହୋଇଥିଲେ। ଚେନ୍ନାଇ ବିପକ୍ଷରେ ସେ ଖାତା ଖୋଲିପାରି ନ ଥିଲେ। ସେହିଭଳି ଗୁଜରାଟ ବିପକ୍ଷରେ ତାଙ୍କ ବ୍ୟାଟ୍‌ରୁ ୮ ରନ୍ ଆସିଥିବା ବେଳେ କେକେଆର ବିପକ୍ଷରେ ସେ ୧୩ ରନ୍ କରିଥିଲେ। ଅର୍ଥାତ ୩ ମ୍ୟାଚ୍‌ରେ ସେ ମାତ୍ର ୭% ହାରରେ ୨୧ ରନ୍ କରିଥିଲେ। ରୋହିତ ବାଦ୍ ପଡ଼ିବାକୁ ନେଇ ହାର୍ଦ୍ଦିକ କହିଛନ୍ତି, ତାଙ୍କ ଆଣ୍ଠୁରେ ଆଘାତ ଲାଗିଛି। ଲକ୍ଷ୍ନୌରେ ଅଭ୍ୟାସ ସମୟରେ ତାଙ୍କୁ ଆଘାତ ଲାଗିଥିଲା। ତେବେ ସେ କେତେ ମ୍ୟାଚ୍‌ରୁ ବାଦ୍ ପଡ଼ିବେ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



# ମୁମ୍ବାଇକୁ ୧୨ ରନରେ ହରାଇଲା ଲକ୍ଷ୍ନୌ

**ଲକ୍ଷ୍ନୌ**

ଆଇପିଏଲ ମହାସମରରେ ଶୁକ୍ରବାର ୧୬ତମ ମ୍ୟାଚ୍‌ରେ ଲକ୍ଷ୍ନୌର ଏକନା ଷ୍ଟାଡିୟମରେ ମୁହାଁମୁହିଁ ହେଉଛନ୍ତି ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପରି ଜାଏଣ୍ଟ୍ସ। ଟସ୍ ଜିତି ପ୍ରଥମେ ବ୍ୟାଟିଂ ପାଇଁ ଏଲଏସଜିକୁ ଆମନ୍ତ୍ରଣ କରିଥିଲା ଏମଆଇ। ତେବେ ଘରୋଇ ପରିବେଶରେ ଏହାର ଫାଇଦା ଉଠାଇଥିଲା ଦଳ। ଦୁଇ ଓପନର ମିଚେଲ୍ ମାର୍ସ, ଓ ଇଡେନ ମାକ୍ରମ୍ ମୁମ୍ବାଇ ବୋଲରଙ୍କ ଉପରେ ଜବରଦସ୍ତ ପ୍ରହାର କରିଥିଲେ।



ପ୍ରଥମ ୱିକେଟରେ ଦଳ ୭୬ ରନ ପାର୍ କରିଥିଲେ। ମିଚେଲ୍ ମାର୍ସ ମାତ୍ର ୩୧ଟି ବଲ୍ ଖେଳି ୬୦ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ସେ ଗଲା ପରେ ମାକ୍ରମ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ୩୮ ବଲରୁ ୫୩ ରନ୍ କରିଛନ୍ତି। ସେହିପରି ଆୟୁଷ ବଦୋନୀ ୩୦ ରନ୍ କରିଥିବା ବେଳେ ଡେଭିଡ୍ ମିଲର ୨୭ ରନ୍ କରିଛନ୍ତି। ଫଳରେ ଏଲଏସଜି ୨୦ ଓଭରରେ ୮ ୱିକେଟ୍ ହରାଇ ୨୦୩ ରନ୍ କରିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ଅଧିନାୟକ ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ୫ ୱିକେଟ୍ ମିଳିଥିଲା।

ଲକ୍ଷ୍ନୌ ପକ୍ଷରୁ ରଖାଯାଇଥିବା ୨୦୪ ରନ ଲକ୍ଷ୍ୟ ଜବାବରେ ମୁମ୍ବାଇ ୧୯୧ ରନ କରିପାରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟକୁମାର ଯାଦବ ୬୭ ରନ କରିଥିବାବେଳେ ନମନ ଧୀର ୪୬ ରନ କରିଥିଲେ। ସେହିପରି ତିଳକ ବର୍ମା ୨୫ ରନ କରିଥିବାବେଳେ ହାର୍ଦ୍ଦିକ ପାଣ୍ଡ୍ୟା ୨୮ ରନ କରିଥିଲେ।

# ମୁମ୍ବାଇ ଦଳର ମାଲିକାଣୀ ହେଲେ ସଚିନ ତେନ୍ଦୁଲକରଙ୍କ ଝିଅ ସାରା

**ମୁମ୍ବାଇ**

ମହାନ କ୍ରିକେଟର ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ମୁମ୍ବାଇ ଦଳକୁ କିଣିଛନ୍ତି। ତେନ୍ଦୁଲକର ଗ୍ଲୋବାଲ ଇ-କ୍ରିକେଟ ପ୍ରିମିୟର ଲିଗ୍ (ଜିଇପିଏଲ)ରେ ମୁମ୍ବାଇ ଦଳର ମାଲିକାନା ହାସଲ କରିଛନ୍ତି। ଜିଇପିଏଲକୁ ବିଶ୍ୱର ସବୁଠାରୁ ବଡ଼ ଇ-କ୍ରିକେଟ ଲିଗ୍ ମଧ୍ୟରୁ ଗୋଟିଏ ବୋଲି ବିବେଚନା କରାଯାଏ। ଏହି ଲିଗର ଦ୍ୱିତୀୟ ସିଜିନ ୨୦୨୫ରେ ଅନୁଷ୍ଠିତ ହେବ। ଏହି ଲିଗ ରିଅଲ



କ୍ରିକେଟ ଆପରେ ଖେଳାଯାଉଛି, ଯାହାକୁ ଇଣ୍ଟରନେଟରେ ୩୦ କୋଟିରୁ ଅଧିକ ଥର ଡାଉନଲୋଡ୍ କରାଯାଇଛି। ଏହାର ପ୍ରଥମ ସିଜିନ ପରେ, ଗ୍ଲୋବାଲ ଇ-କ୍ରିକେଟ ଲିଗ୍ ଏକ ଯଥେଷ୍ଟ ସ୍ୱୀକୃତି ହାସଲ କରିଛି। ପ୍ରଥମ ସିଜିନରେ ୨ ଲକ୍ଷ ଖେଳାଳି ପଞ୍ଜିକରଣ କରିଥିଲେ, ଯେତେବେଳେ ସିଜିନ ୨ ପାଇଁ ୯ ଲକ୍ଷ ୧୦ ହଜାର ପଞ୍ଜିକରଣ ଆସିଛି।

ଜିଇପିଏଲରେ ମୁମ୍ବାଇ ଦଳର ମାଲିକ ହେବା ବିଷୟରେ ସାରା ତେନ୍ଦୁଲକର କହିଛନ୍ତି, କ୍ରିକେଟ ଆମ ପରିବାରର ଏକ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି। ଇ-କ୍ରୀଡ଼ାରେ କ୍ରିକେଟର ଭବିଷ୍ୟତ ଦେଖିବା ଉତ୍ସାହଜନକ। ଏରଚଖରେ ମୁମ୍ବାଇ ଫ୍ରାଞ୍ଚାଇଜ ମାଲିକ ହେବା ଏକ ସ୍ୱପ୍ନ ସାକାର ହୋଇଛି। ମୁଁ ଏକ ପ୍ରତିଭାଶାଳୀ ଦଳ ସହିତ ସହଭାଗୀ ହେବାକୁ ଅପେକ୍ଷା କରିଛି। ଜିଇପିଏଲରେ ଯୋଗଦାନ କରି, ସାରା ଭାରତରେ ଇ-କ୍ରିକେଟକୁ ଏକ ନୂତନ ସ୍ତରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବେ।

# ଏସିସିର ନୂଆ ଚେୟାରମ୍ୟାନ ହେଲେ ମହସିନ ନକ୍‌ଭୀ

**ଦୁବାଇ**

ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ମହସିନ ନକ୍‌ଭୀ ଗୁରୁବାର ଏସିଆନ କ୍ରିକେଟ ପରିଷଦ(ଏସିସି)ର ନୂଆ ଚେୟାରମ୍ୟାନ ଭାବେ ନିର୍ବାଚିତ ହୋଇଛନ୍ତି। ତାଙ୍କ ପୂର୍ବରୁ ଶ୍ରୀଲଙ୍କା କ୍ରିକେଟ (ଏସ୍ଏଲ୍‌ସି) ମୁଖ୍ୟ ଶାମି ସିଲ୍‌ଭା ଏହି ଦାୟିତ୍ୱରେ ଥିଲେ। ଗୁରୁବାର ଭର୍ଚୁଆଲ ମାଧ୍ୟମରେ ଅନୁଷ୍ଠିତ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ନକ୍‌ଭୀ ଆଗାମୀ ଦୁଇ ବର୍ଷ ପାଇଁ ଦାୟିତ୍ୱରେ ରହିବେ।

ଏସିସିର ନିଷ୍ପତ୍ତି ଅନୁଯାୟୀ, ପାକିସ୍ତାନ ଆନୁଷ୍ଠାନିକ ଭାବେ ଶ୍ରୀଲଙ୍କା କ୍ରିକେଟ (ଏସ୍ଏଲ୍‌ସି)ଠାରୁ ସଭାପତିତ୍ୱ ନେଇଛି। ଏଥିଯୋଗୁ ଏବେଠାରୁ ଏସିଆ ଭୂଖଣ୍ଡରେ କ୍ରିକେଟର ପ୍ରୋତ୍ସାହନ ଓ ପ୍ରସାରିତ



କରିବାରେ ପାକିସ୍ତାନ ନେତୃତ୍ୱ ନେବ। ଆସନ୍ତା ସେପ୍ଟେମ୍ବରରେ ଏସିଆ କପ୍ ଆୟୋଜନ ନକ୍‌ଭୀଙ୍କ ଲାଗି ସବୁଠୁ ବଡ଼ ପରୀକ୍ଷା ହେବ। ପ୍ରକୃତରେ ଏହି ଇଭେଣ୍ଟର ଆୟୋଜନ ଅଧିକାର ଭାରତକୁ ଦିଆଯାଇଛି। ହେଲେ ଭାରତ ଓ ପାକିସ୍ତାନ ମଧ୍ୟରେ ଖରାପ କୂଟନୈତିକ ସମ୍ପର୍କ ଦୁଇ ଦେଶ ପରସ୍ପର ଦେଶକୁ ଟୁର୍ କରିବାରେ ବାଧା ଦେଉଛି। ଏଥିଯୋଗୁ ଏସିଆ କପ୍ ଏକ ନ୍ୟୁଟ୍ରାଲ ଭେନ୍ୟୁ ହେବ।

# ଶିକ୍ଷା କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କୁ ଆଗେଇ ନେବାକୁ ଶିକ୍ଷକମାନଙ୍କୁ ପରାମର୍ଶ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ନୂତନ ଶିକ୍ଷାନୀତି-୨୦୨୦ ଅନୁଯାୟୀ ରାଜ୍ୟର ସମସ୍ତ ପ୍ରାଥମିକ ବିଦ୍ୟାଳୟରେ 'ଶିଶୁ ବାଟିକା' ଆରମ୍ଭ କରାଗଲା। ଏଥିରେ ୫ ବର୍ଷରୁ ଅଧିକ ବୟସର ପିଲାମାନଙ୍କୁ ଏକ ଉତ୍ତମ, ସଂଗଠିତ ଏବଂ ଅନୁଭୂତିମୂଳକ ଶିକ୍ଷଣ ପରିବେଶ ପ୍ରଦାନ କରାଯିବ। ଏହି କ୍ରମରେ ସୁବର୍ଣ୍ଣପୁର ଜିଲ୍ଲାର ୭୬୧ଟି ବିଦ୍ୟାଳୟରେ ବାଲ୍ ବାଟିକା ଶ୍ରେଣୀ ଆରମ୍ଭ କରାଗଲା ଓ ସମସ୍ତ ବିଦ୍ୟାଳୟରେ 'ପ୍ରବେଶ ଉତ୍ସବ ଏବଂ ଖଡ଼ିଛୁଆଁ' କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏହି ଅବସରରେ



ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ ଜିଲ୍ଲା ସ୍ତରୀୟ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମରେ ଯୋଗ ଦେଇ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରିଥିଲେ ଏବଂ ସମସ୍ତ ନୂତନ ଭାବେ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷଣ କିଟ୍ ବଣ୍ଟନ କରି ନୂତନ ଶିକ୍ଷା ନୀତି ୨୦୨୦ ର ରୂପରେଖ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ ବିବରଣୀ ରଖିଥିଲେ। ସାଂସଦ ପ୍ରତିନିଧି ଶରତ ଶତପଥୀ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀଙ୍କ ଭବିଷ୍ୟତ ପରିକଳ୍ପନା ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ସମେତ ସୁବର୍ଣ୍ଣପୁର ଜିଲ୍ଲା ଶିକ୍ଷାଧିକାରୀ ମିନାରାଣୀ ମଙ୍ଗଳ ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷା କ୍ଷେତ୍ରରେ କିପରି ଆଗକୁ ନେଇପାରିବା ସେଥିପାଇଁ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷଣ ବିଜ୍ଞାନ ସଂଯୋଜକ ଅକ୍ଷୟ କୁମାର ସାହୁ ପ୍ରବେଶ ଉତ୍ସବ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମଞ୍ଜୁଳତା ଭୋଇ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୁଦ୍ଧଦେବ ସା ତଥା ମଝିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ନାୟକ ଓ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ସଭା ଆୟୋଜନରେ ପୂର୍ଣ୍ଣ ସହଯୋଗ କରିଥିଲେ। ଶିକ୍ଷକ ହୃଷୀକେଶ ଚାନ୍ଦ ମଞ୍ଚ ପରିଚାଳନା କରିଥିଲେ।

# ପୁଣି ଅଧିନାୟକ ହେବେ ଏମ୍‌ଏସ୍ ଧୋନୀ!



**ନୂଆଦିଲ୍ଲୀ**

ପାଞ୍ଚ ଥରର ଆଇପିଏଲ୍ ଚାମ୍ପିଅନ୍ ଚେନ୍ନାଇ ସୁପର କିଙ୍ଗ୍ସ ଚଳିତ ଆଇପିଏଲ୍ ସିଜନରେ ଖରାପ ପ୍ରଦର୍ଶନ କରି ଆସୁଛି। ଋତୁରାଜ ଗାୟକ୍ୱାଡ୍‌ଙ୍କ ଅଧିନାୟକତ୍ୱରେ ଚେନ୍ନାଇ ପ୍ରଥମ ୩ ମ୍ୟାଚ୍‌ରୁ ୨ଟିରେ ପରାଜୟର ସମ୍ମୁଖୀନ ହୋଇଛି। ଏମିତିରେ ଆଗାମୀ ମ୍ୟାଚ୍‌ଗୁଡ଼ିକ ଜିତିବା ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ହେଲେ ଆଗାମୀ ମ୍ୟାଚ୍ ପୂର୍ବରୁ ଦଳରେ ବଡ଼ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି। ସେଇଟି ହେଲା ମହେନ୍ଦ୍ର ସିଂହ ଧୋନୀ ଚେନ୍ନାଇର ଅଧିନାୟକ ହୋଇପାରନ୍ତି। ଋତୁରାଜ ଗାଏକ୍ୱାଡଙ୍କୁ ଆଘାତ ଲାଗିବା ଏହା ପଛର କାରଣ ବୋଲି ଜଣାପଡ଼ିଛି।

ଗତ ବର୍ଷ ଚେନ୍ନାଇର ଅଧିନାୟକ ପଦ ଛାଡ଼ିଥିବା ଧୋନୀ ୧୭ ମ୍ୟାଚ୍ ପରେ ପୁଣିଥରେ ଦଳର ମଙ୍ଗ ସମ୍ଭାଳିବେ। ଶନିବାର ଏପ୍ରିଲ ଚେନ୍ନାଇ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍‌ରେ ଋତୁରାଜ ଫିଟ୍‌ନେସ୍ ସମସ୍ୟା ଦେଇ ଗତି କରୁଥିବାରୁ ଖେଳିବା କଷ୍ଟକର ବୋଲି କୁହାଯାଉଛି। ମ୍ୟାଚ୍‌ର ଦିନକ ପୂର୍ବରୁ ଚେନ୍ନାଇର ବ୍ୟାଟିଂ କୋଚ୍ ମାଇକେଲ ହସି ଏହାର ସଙ୍କେତ ଦେଇଛନ୍ତି।

# ଗୁଜୁରାଟକୁ ଝଟ୍‌କା : ସ୍ୱଦେଶ ଫେରିଗଲେ ରାବାଡ଼ା

**ନୂଆଦିଲ୍ଲୀ**

ଦକ୍ଷିଣ ଆଫ୍ରିକୀୟ ପେସ୍ ବୋଲର କାଗିସୋ ରାବାଡ଼ା ବ୍ୟକ୍ତିଗତ କାରଣ ଯୋଗୁ ସ୍ୱଦେଶ ଫେରି ଯାଇଛନ୍ତି। ଏ ନେଇ ତାଙ୍କ ଆଇପିଏଲ୍ ଫ୍ରାଞ୍ଚାଇଜ ଗୁଜରାଟ ଟାଇଟନ୍ସ (ଜିଟି) ପକ୍ଷରୁ ଗୁରୁବାର କୁହାଯାଇଛି। ତେବେ ରାବାଡ଼ା



କେତେ ସମୟ ପର୍ଯ୍ୟନ୍ତ ଆଇପିଏଲ୍‌ରୁ ଦୂରେଇ ରହିବେ, ସେ ସମ୍ପର୍କରେ ଗୁଜରାଟ ଟାଇଟନ ପକ୍ଷରୁ କିଛି ସୂଚନା ଦିଆଯାଇ ନାହିଁ। ଚଳିତ ଆଇପିଏଲ୍‌ରେ ସେ ଦୁଇଟି ମ୍ୟାଚ୍ ଖେଳିଛନ୍ତି। ରାବାଡ଼ା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଗତ କାର୍ଯ୍ୟ ଯୋଗୁ ସ୍ୱଦେଶ ଫେରିଛନ୍ତି ବୋଲି ଗୁଜରାଟ ପକ୍ଷରୁ କୁହାଯାଇଛି। ରାବାଡାଙ୍କ ଅନୁପସ୍ଥିତିରେ ଜିଟି ତାଙ୍କ ଦକ୍ଷିଣ ଆଫ୍ରିକୀୟ ସାଥି ଜେରାଲ୍ଡ କୋଏଟଜୀ କିମ୍ବା ଆଫଗାନିସ୍ତାନର ଅଲ୍‌ରାଉଣ୍ଡର କରିମ ଜନତଙ୍କୁ ଖେଳାଇପାରେ।

# ବାଲେଶ୍ୱର ଜିଲ୍ଲାରେ ପାଳିତ ହେଲା ପାରମ୍ପରିକ ପୋଷାକ ପରିଧାନ ଦିବସ

**ବାଲେଶ୍ୱର, ନ୍ୟୁଜ୍**

ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ପ୍ରଚାର ପ୍ରସାର କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ କ୍ରମେ ଏପ୍ରିଲ ୧, ଓଡ଼ିଶା ଦିବସରୁ ଏପ୍ରିଲ ୧୪, ଓଡ଼ିଆ ନବବର୍ଷ ଯାଏଁ ପ୍ରଥମଥର କରି ପାଳନ ହେଉଥିବା 'ଓଡ଼ିଆ ପକ୍ଷ, ୨୦୨୫'ର ତୃତୀୟ ଦିବସରେ ପାରମ୍ପରିକ ପୋଷାକ ପରିଧାନ ଦିବସ ରୂପେ ପାଳନ ହୋଇଛି। ଉକ୍ତ ଅବସରରେ ଆମ ସ୍ୱାଭିମାନ ଓ ପରିଚୟ ବହନ କରୁଥିବା ସ୍ୱଦେଶୀ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ନିମନ୍ତେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ, ତହସିଲ, ମଣ୍ଡଳ, ଉପଖଣ୍ଡ ତଥା ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଫଟୋ ଓ ସେଲ୍ଫି ଉଠାଇ ନେଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ହସ୍ତତନ୍ତ ପୋଷକ ପରିଧାନକୁ ଅଧିକ ଆଦୃତ କରିବା ସହ ପ୍ରଚାର ପ୍ରସାର କରିବା ପାଇଁ ହସ୍ତତନ୍ତ ପୋଷକ ପରିଧାନକୁ ଅଭ୍ୟାସରେ ପରିଣତ କରି ବୁଣାକାର ଏବଂ ଗ୍ରାମ୍ୟ ଅର୍ଥନୀତିକୁ ଆହୁରି ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବା ପାଇଁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ନିବେଦନ କରିଛନ୍ତି। ଏଠାରେ ସୂଚନା ଥାଉ କି, ହସ୍ତତନ୍ତ ବୟନ ଓ ହସ୍ତ ଶିଳ୍ପ ବିଭାଗ ଦ୍ୱାରା ପରିଚାଳିତ ବୟନିକା, ଉତ୍କଳିକା, ଅମ୍ଲାନ ଓ ସମ୍ବଲପୁରୀ ବାସ୍ତ୍ରାଳୟର ଶାଖାରେ ହସ୍ତତନ୍ତ ବସ୍ତ୍ର କ୍ରୟ ଉପରେ ଶତକଡ଼ା ୨୦+୧୦ ଭାଗ ରିହାତି ୧ ଏପ୍ରିଲ, ୨୦୨୫ ରୁ ୧୪ ଏପ୍ରିଲ ୨୦୨୫ ପର୍ଯ୍ୟନ୍ତ ପ୍ରଦାନ କରାଯାଉଛି। ତେଣୁ ଜନସାଧାରଣ ଏହାର ସୁଯୋଗ ନେବା ସହିତ ହସ୍ତତନ୍ତ ବସ୍ତ୍ର ପରିଧାନ କରି ଆମର ଗୌରବମୟ ହସ୍ତତନ୍ତ ପରମ୍ପରାକୁ ପ୍ରସାର କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଉତ୍ସାହିତ କରାଯାଉଛି।

# ପ୍ରୟାଗୀରେ ବ୍ଲକସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**

ରାମଗଡ଼ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଲୁର କ୍ଲଷ୍ଟର ଅଧିନସ୍ଥ ପ୍ରୟାଗୀ ପ୍ରାଥମିକ ବିଦ୍ୟାଳୟରେ ଗଞ୍ଜାମ ବ୍ଲକ ସ୍ତରୀୟ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଶିଶୁବାଟିକା କାର୍ଯ୍ୟକ୍ରମ ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଞ୍ଜୟ କୁମାର ଗୌଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ସମ୍ମାନୀତ ଅତିଥି ଭାବେ ଗଞ୍ଜାମ ବିଡ଼ିଓ ଅଚ୍ୟୁତାନନ୍ଦ ଜାନି, ଗଞ୍ଜାମ ବ୍ଲକ ଏମଏଲଏ ପ୍ରତିନିଧି ମାନସ ରଞ୍ଜନ ନାହାକ,ଏବିଇଓ ତଥା ବିଆରସିସି ବିଜୟ କୁମାର ବେହେରା, ଏବିଇଓ ସଂଯୁକ୍ତା କୁମାରୀ ବେହେରା, ଏବିଇଓ ବିନୀତା କୁମାରୀ ମିଶ୍ର, ରାମଗଡ଼ ଗ୍ରାମ ପଞ୍ଚାୟତର ସରପଞ୍ଚ ସନ୍ତୋଷିନୀ ବେହେରା, ପ୍ରୟାଗି ଗ୍ରାମ୍ୟ ସଭାପତି ସତ୍ୟବାନ ଗୌଡ, ଅଳେଶ୍ୱର ଉଚ୍ଚ



ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ପଲେଇ, ଶିକ୍ଷାବିତ ଅମୂଲ୍ୟ କୁମାର ଦଳେଇ ଏବଂ ମୁଖ୍ୟବକ୍ତା ଭାବେ ଗଞ୍ଜାମ ବ୍ଲକ ଶିକ୍ଷା ଅଧିକାରୀ ସୁଚିତ୍ରା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବାଲ ବାଟିକା ଶ୍ରେଣୀ ନିମନ୍ତେ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସର୍ବପ୍ରଥମେ ଗଞ୍ଜାମ ବ୍ଲକର ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଦିବସ ପାଳନ ନିମନ୍ତେ ବାହାରିଥିବା ସଚେତନତା ରଥକୁ ସ୍ୱାଗତ କରାଯାଇଥିଲା। ଚଳିତ ଶିକ୍ଷାବର୍ଷର ବାଲବାଟିକା ଓ ପ୍ରଥମ ଶ୍ରେଣୀର ଶିଶୁଙ୍କୁ ଅରୁଆ ଚାଉଳ, ହଳଦୀ, ଦୁବ, ବରକୋଳିପତ୍ର ଓ ଫୁଲଚନ୍ଦନ ଦେଇ ବିଦ୍ୟାଳୟ ପକ୍ଷରୁ ବନ୍ଦାପନା କରାଯାଇଥିଲା। ଏହାପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ସାମନ୍ତ ନାମ ଲେଖାଇବାକୁ ଆସିଥିବା ଛାତ୍ରଛାତ୍ରୀଙ୍କୁ ଖଡ଼ିଛୁଆଁ ସ୍ୱରୂପ ସିଲଟରେ ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ନାମରେ ଗୋଲ ବୁଲାଇ ଶୁଭ ଅନୁକୂଳ କରିଥିଲେ। ଏଥିରେ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ ପ୍ରତୀକ୍ଷାରାଣୀ ପଲେଇ ତୁମପରି ଛୋଟ ପିଲାଟିଏ ଓ ପଞ୍ଚମ ଶ୍ରେଣୀର ଛାତ୍ରୀ ଦୁଃଖିଧନ ନୀଳମଣିରେ କୁନି ସଙ୍ଗୀତ ପରିବେଷଣ କରିଥିଲେ। ଏହାପରେ ଛାତ୍ର ଛାତ୍ରୀଙ୍କୁ ଚକୋଲେଟ୍, ମାଣ୍ଡିଆଲଡୁ, ଶିକ୍ଷଣକିଟ୍ ଓ ବାଲବାଟିକା ପାଠ୍ୟପୁସ୍ତକ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ସଭିଏଁ ସ୍କୁଲ ଯିବା ଅଭିଯାନ ସ୍ୱରୂପ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ଶିକ୍ଷଣ ଷ୍ଟଲ ପ୍ରଦର୍ଶିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ଶେଷଦେବ ବେହେରା ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ମିନତି ସାହୁ, ସୁନୀତା କୁମାରୀ ସାହୁ, ମନିଷା ମହାପାତ୍ର ଓ ଆଲଫା ରାଣୀ ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଗଞ୍ଜାମ ବ୍ଲକର ସମସ୍ତ କ୍ଲଷ୍ଟର ସିଆରସି, ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରୟାଗୀ ଗ୍ରାମର ଅଭିଭାବକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ପାଲୁର ସାଧନ କେନ୍ଦ୍ରର ସଂଯୋଜକ ଅତିନ୍ଦ୍ରିୟ ପାଟଯୋଶୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଆଦର୍ଶ ଶିକ୍ଷକଙ୍କ ପରଲୋକ




**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଗଣ୍ଡିବେଢ଼ ଚକାପଦା ଶାସନ ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କାହ୍ନୁଚରଣ ଶତପଥୀଙ୍କର ପରଲୋକ ଘଟିଛି। ଗତ ମାସ ୨୬ ତାରିଖରେ ତାଙ୍କର ପରଲୋକ ହୋଇଥିବା ବେଳେ ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ସ୍ୱର୍ଗତ ଶତପଥୀ ୧୯୩୫ ମସିହା ଜାନୁଆରୀ ୧ ତାରିଖରେ ଜନ୍ମଗ୍ରହଣ କରିଥିଲେ। ଶିକ୍ଷକତା ଜୀବନରେ ସେ ଅନେକ ଆଦର୍ଶ ଛାତ୍ରଛାତ୍ରୀଙ୍କ ଜୀବନ ଗଠନରେ ମାର୍ଗଦର୍ଶନ କରିଛନ୍ତି। ତାଙ୍କର କର୍ତ୍ତବ୍ୟନିଷ୍ଠା ଓ ଜୀବନ ଆଦର୍ଶ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା। ସେ ଜଣେ ପରୋପକାରୀ, ସ୍ନେହୀ ଓ ମେଳାପୀ ସ୍ୱଭାବର ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ଗଭୀର ଶୂନ୍ୟସ୍ଥାନ ସୃଷ୍ଟି ହୋଇଥିବା ବେଳେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକପ୍ରକାଶ କରିଛନ୍ତି।

# ରାଜ ରାସ୍ତାରେ ହାଇୱା ମାଲିକ ସଂଘ : ଆଲୋଚନା ବିଫଳ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲା ହାଇୱା ଓ ଟିପ୍ପର ମାଲିକ ସଂଘ ବାରମ୍ବାର ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଜିଲ୍ଲା ପ୍ରଶାସନ କୌଣସି କଥା ନଶୁଣିବାରୁ ସଂଘ ତରଫରୁ ପ୍ରାୟ ଶତାଧିକ ହାଇୱା ଓ ଟିପ୍ପର ଗାଡ଼ି ରାଜରାସ୍ତା ଉପରେ ରଖି ଅବରୋଧ କରିଥିଲେ ଯାହା ଫଳରେ ଯାତାୟାତରେ ଅସୁବିଧା ସୃଷ୍ଟି ହୋଇଥିଲା। ସଂଘର ଅଭିଯୋଗ ଅନୁସାରେ ଜିଲ୍ଲା ପ୍ରଶାସନ ଅଧିକାରୀ ଓ ପୋଲିସ ଅଧିକାରୀମାନେ ବାଲି, ମୋହରମ ଓ ମାଟି ଅଦି ନେଇ ଯାଉଥିବା ସମୟରେ ଅଧିକାରୀମାନେ ଜୋର ଜବରଦସ୍ତ ବେଆଇନ କହି ଗାଡିକୁ ଅଟକାଇ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରୁଛନ୍ତି। ଯାହା ଫଳରେ ଗାଡି ମାଲିକମାନେ ଦୀର୍ଘ ମାସ ହେଲା ଗାଡି ନ ଚଳାଇ ଛିଡ଼ା କରି ରଖିଛନ୍ତି। ମାଲିକମାନେ ବ୍ୟାଙ୍କ କିସ୍ତି ଦେବାରେ ମଧ୍ୟ ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ଏ ବିଷୟରେ ପ୍ରଶାସନକୁ ଜଣାଇଲେ ପ୍ରଶାସନ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ରାସ୍ତା ଅବରୋଧ ଖବର ପାଇ ଜିଲ୍ଲା ପ୍ରଶାସନ ତରଫରୁ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ପଟ୍ଟାମୁଣ୍ଡାଇ ଏସଡିପିଓ, ନିକିରାଇ ଥାନା ଅଧିକାରୀ, ଟାଉନ ଥାନା ଅଧିକାରୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି କର୍ମକର୍ତ୍ତାମାନଙ୍କୁ ଡାକି ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା କରିଥିଲେ। ଆଲୋଚନା ରେ କୌଣସି ସୁଫଳ ନମିଳିବାରୁ ହାଇୱା ଓ ଟିପ୍ପର ମାଲିକ ସଂଘ ତାଙ୍କ ଜିଦ୍‌ରେ ଅଟଳ ରହିଛନ୍ତି।



# ସ୍ୱଦେଶୀ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ନିମନ୍ତେ ପଦକ୍ଷେପ




**କେନ୍ଦୁଝର, ନ୍ୟୁଜ୍**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନକ୍ରମେ ଏପ୍ରିଲ ୧, ଓଡ଼ିଶା ଦିବସରୁ ଏପ୍ରିଲ ୧୪, ଓଡ଼ିଆ ନବବର୍ଷ ଯାଏଁ ପ୍ରଥମଥର କରି ପାଳନ ହେଉଥିବା 'ଓଡ଼ିଆ ପକ୍ଷ, ୨୦୨୫'ର ତୃତୀୟ ଦିବସରେ ପାରମ୍ପରିକ ପୋଷାକ ପରିଧାନ ଦିବସ 'ମୋ ପୋଷାକ ମୋ ପରିଚୟ' ରୂପେ ପାଳନ ହୋଇଛି। ଏହି ଅବସରରେ ଆମ ସ୍ୱାଭିମାନ ଓ ପରିଚୟ ବହନ କରୁଥିବା ସ୍ୱଦେଶୀ ପାରମ୍ପରିକ ପୋଷାକର ପ୍ରଚାର ପ୍ରସାର ନିମନ୍ତେ କେନ୍ଦୁଝର ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀ ବିଭିନ୍ନ ପାରମ୍ପରିକ ପୋଷାକ ପରିଧାନ କରି ନିଜ ନିଜର କର୍ମକ୍ଷେତ୍ରକୁ ଆସିବା ସହ ନିଜ ମୋବାଇଲରେ ସେଲ୍ଫି ନେଇ ସୋସିଆଲ ମିଡ଼ିଆରେ ପୋଷ୍ଟ କରିଥିଲେ ଏବଂ ହସ୍ତତନ୍ତ ପୋଷାକ ପରିଧାନକୁ ଅଭ୍ୟାସରେ ପରିଣତ କରି ବୁଣାକାର ଏବଂ ଗ୍ରାମ୍ୟ ଅର୍ଥନୀତିକୁ ଆହୁରି ସଶକ୍ତ କରିବା ସହ ସମୃଦ୍ଧ ଓଡ଼ିଶା ଗଠନରେ ଅଂଶୀଦାର ହେବାପାଇଁ ସଚେତନତା ଅଭିଯାନରେ ନିଜକୁ ସାମିଲ କରିଛନ୍ତି। କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ବିଶାଲ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଡେପୁଟି କଲେକ୍ଟର ସଂଗ୍ରାମ କେଶରୀ ପରିଡା. ଅଭିଳାଷ ପୁରୋହିତ, ଶ୍ୱେତାଲିନା ସାହୁ ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାୟକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା,ସରୋଜ ମଲ୍ଲିକ ଓ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପାରମ୍ପରିକ ପୋଷାକ ପରିଧାନ କରି ସମବେତ ହୋଇ ଫଟୋ ଉଠାଇ ଥିଲେ। ସେହିପରି ଜିଲ୍ଲାର ବିଭିନ୍ନ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ପାରମ୍ପରିକ ପୋଷାକ ପରିଧାନ କରି ଅଫିସ କାର୍ଯ୍ୟ କରିବା ସହ ଏହି ଅଭିଯାନରେ ସାମିଲ ହୋଇଛନ୍ତି।

# ଗୋ ସୁରକ୍ଷା ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ରାମପୁର ଗୋରୁ ବଜାରରୁ ବେଆଇନ୍ ଗୋରୁ ଚାଲାଣରେ ସଂପୃକ୍ତି ଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକରି ଜିଲ୍ଲା ଗୋ ଏବଂ ଗୋଚର ସୁରକ୍ଷା ମଞ୍ଚ ପକ୍ଷରୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖକୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିପାଇଁ ମଞ୍ଚର ଆବାହକ ତଥା ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ବିକ୍ଷୋଭକାରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏ ଘଟଣାର ଚେର ସୁଦୂର ଉତ୍ତର ପ୍ରଦେଶ ପର୍ଯ୍ୟନ୍ତ ଲମ୍ବିଥିବାର ଅଭିଯୋଗ କରି ଏହାର ଏକ କ୍ରାଇମବ୍ରାଞ୍ଚ ତଦନ୍ତ ଦାବିକରି ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଦାବି କରିଛନ୍ତି। ଏହି ବିକ୍ଷୋଭ ସମାବେଶରେ ପ୍ରମୋଦ କୁମାର ମହାପାତ୍ର, ଦୀପକ ମହାପାତ୍ର, ନବକୃଷ୍ଣ ଦନ୍ତା, ସନ୍ଦୀପ ମେହେର, ସୁକାନ୍ତ ସାହୁ, ସୁରେଶ ବିଶ୍ୱାଳ, ପର୍ଶୁରାମ ମିଶ୍ର, ପ୍ରଫୁଲ୍ଲ ସାହୁ ରଶ୍ମିରଞ୍ଜନ ଦାସ, ପ୍ରଫୁଲ୍ଲ ମେହେର, ରିଙ୍କୁ ପଣ୍ଡା, ବିକ୍ରମ କେଶରୀ ମିଶ୍ର, ବାବୁଲୁ ସାଗର, ଦେବାଶିଷ ପୂଝାରୀଙ୍କ ସମେତ ଗୋ ସୁରକ୍ଷା ମଞ୍ଚର ଶତାଧିକ ସଦସ୍ୟ ଯୋଗଦେଇଥିଲେ।



ଭୁବନେଶ୍ୱର
୦୫ ଅପ୍ରେଲ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27



ଭୁବନେଶ୍ୱର : ଆଜି ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକ୍ମୁଣା ରଥ ଯାତ୍ରା। ରଥଖଳାରେ ରଥ ପ୍ରସ୍ତୁତ। (ଫଟୋ : ସମ୍ବାଦ କଳିକା)

## ଉତ୍ତମ ଆଚରଣ, ବ୍ୟବହାର ନେଇ ସେବାୟତଙ୍କୁ ପ୍ରଶିକ୍ଷଣ

**ପୁରୀ, ୪।୪ :ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁଙ୍କ ଦୈନନ୍ଦିନ ସେବାକୁ ଆହୁରି ଶୃଙ୍ଖଳିତ କରିବା ପାଇଁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ଏକ ବଡ଼ ପଦକ୍ଷେପ ନିଆଯାଇଛି। ନୀଳାଦ୍ରି ଭକ୍ତ ନିବାସ ସଭାଗୃହରେ ଶୁକ୍ରବାର ସେବାୟତ ମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଯାଇଛି। ଶିବିରରେ ମହାପ୍ରଭୁଙ୍କ ସେବାରେ ନିୟୋଜିତ ସେବକମାନଙ୍କୁ ଉତ୍ତମ ଆଚରଣ ଏବଂ ବ୍ୟବହାର ଉପରେ ପ୍ରଶିକ୍ଷଣ ଦିଆଯାଇଛି। ଶିବିର ଦୁଇ ଦିନ ଧରି ଚାଲିଥିଲା। ଜିଲ୍ଲାପାଳ ଏବଂ ଶ୍ରୀମନ୍ଦିର ପ୍ରଶାସକଙ୍କ ତତ୍ତ୍ୱାବଧାନରେ ଶିବିର ଅନୁଷ୍ଠିତ ହୋଇଥିଲା। ସୂଚନା ଯୋଗ୍ୟ, ଶିବିରରେ ପ୍ରଶିକ୍ଷଣ ନେବା ନେଇ ସେବକମାନେ ନିଜ ନାମ ପଞ୍ଜୀକରଣ କରିଥିଲେ। ଏଥିରେ ପଞ୍ଜୀକୃତ ସମସ୍ତ ସେବାୟତଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।



ଭୁବନେଶ୍ୱର : ପବିତ୍ର ରାମ ନବମୀ ପାଇଁ ରାଜଧାନୀ ସ୍ଥିତ ଶ୍ରୀ ରାମ ମନ୍ଦିର ରଙ୍ଗୀନ ଆଲୋକ ମାଳାରେ ସଜେଇ ହୋଇଛି। (ଫଟୋ : ସମ୍ବାଦ କଳିକା)



ଭୁବନେଶ୍ୱର : ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଜୟଦେବ ଭବନରେ ସହିଦ ରଘୁ-ଦିବାକରଙ୍କ ରାଜ୍ୟ ସ୍ତରୀୟ ଶ୍ରାଦ୍ଧ ଦିବସକୁ ଉଦ୍‌ଘାଟନ କରୁଛନ୍ତି ବାଚସ୍ପତି ଶ୍ରୀମତୀ ସୁଷମା ପାଢ଼ୀ। (ଫଟୋ : ସମ୍ବାଦ କଳିକା)

## ଜନସ୍ୱାର୍ଥ ମାମଲାରେ ଆବେଦନକାରୀଙ୍କ ନାଁକୁ ନେଇ ସତ୍ୟପାଠ : ଦସ୍ତଖତ ଯାଞ୍ଚ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୪।୪ :ନ୍ୟୁଜ୍ ବ୍ୟୁରୋ**

ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟରକୁ ନେଇ ବିବାଦ ଦେଖାଦେଇଛି। ୪ ଜଣ ଏହି ଜନସ୍ୱାର୍ଥ ମାମଲା ରୁଜୁ କରିଥିବା ବେଳେ ପରବର୍ତ୍ତୀ ସମୟରେ ଜଣଙ୍କର ନାମକୁ ନେଇ ବିବାଦ ଦେଖାଯାଇଛି। ବଡ଼ କଥା ହେଉଛି କି ହାଇକୋର୍ଟରେ ଚାରି ଜଣ ଜନସ୍ୱାର୍ଥ ମାମଲା ଦାୟର କରିଥିବା ବେଳେ ଏଥିରୁ ଜଣେ ଏପରି ଆବେଦନ କରି ନଥିବା ଦର୍ଶାଇଛନ୍ତି। ସୁକାନ୍ତ କୁମାର ନାୟକଙ୍କ ନାଁ ପ୍ରଥମ ଆବେଦନକାରୀ ଭାବେ ଆବେଦନରେ ଉଲ୍ଲେଖ କରାଯାଇଥିବା ବେଳେ ସେ କିନ୍ତୁ ଏପରି କୌଣସି ମାମଲା ପ୍ରତିପକ୍ଷଙ୍କ ବିରୋଧରେ ଦାୟର କରି ନାହାନ୍ତି ବୋଲି ଦର୍ଶାଇଛନ୍ତି। ଏପରିକି ସେ ଏନେଇ ଏକ ସତ୍ୟପାଠ ହାଇକୋର୍ଟରେ ଦାଖଲ କରିଛନ୍ତି। କେବଳ ସେତିକି ନୁହେଁ ଏହି ମାମଲାର ଅନ୍ୟ ତିନି ଜଣ ଆବେଦନକାରୀ ତାଙ୍କ ପାଇଁ ଅପରିଚିତ ବୋଲି ସୁକାନ୍ତ କୁମାର ନାୟକ ତାଙ୍କ ସତ୍ୟପାଠରେ ଦର୍ଶାଇଛନ୍ତି। ତେବେ ଜନସ୍ୱାର୍ଥ ମାମଲାରୁ ତାଙ୍କ ନାଁ ବାଦ୍ ଦିଆଯାଉ ବୋଲି ଗତ ମାର୍ଚ୍ଚ ୪ରେ ସେ ସତ୍ୟପାଠରେ ଦର୍ଶାଇଥିଲେ। ଜନସ୍ୱାର୍ଥ ମାମଲାର ଆବେଦନକାରୀଙ୍କୁ ନେଇ ଦେଖା ଦେଇଥିବା ବିବାଦକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି। ଏହି ଜନସ୍ୱାର୍ଥ ଆବେଦନରେ ସଂଲଗ୍ନ ହୋଇଥିବା ଓକିଲାତିନାମା ଓ ମାର୍ଚ୍ଚ ୪ର ସତ୍ୟପାଠ ତଥା ଏହା ସହିତ ସଂଲଗ୍ନ ଓକିଲାତିନାମାରେ ଥିବା ତାଙ୍କ ଦସ୍ତଖତର ଯାଞ୍ଚ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ଫରେନସିକ ସାଇନ୍ସ ଲାବୋରେଟୋରିର ହସ୍ତାକ୍ଷର ବିଶେଷଜ୍ଞ ଏ ସମ୍ପର୍କରେ ପରବର୍ତ୍ତୀ ଶୁଣାଣି ସମୟରେ ରିପୋର୍ଟ ଦାଖଲ କରିବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜନସ୍ୱାର୍ଥ ଆବେଦନ ସହିତ ଦାଖଲ



ଓକିଲାତିନାମାରେ ସୁକାନ୍ତ କୁମାର ନାୟକଙ୍କ ଦସ୍ତଖତ ଓ ମାର୍ଚ୍ଚ ୪ର ସତ୍ୟପାଠ, ଏହା ସହିତ ସଂଲଗ୍ନ ଓକିଲାତିନାମାରେ ରହିଥିବା ଦସ୍ତଖତ ସମାନ ବ୍ୟକ୍ତିଙ୍କ ବା ନୁହେଁ ସେ ନେଇ ରିପୋର୍ଟରେ ସ୍ପଷ୍ଟ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପରବର୍ତ୍ତୀ ଶୁଣାଣି ପୂର୍ବରୁ ଏ ସଂପର୍କିତ ରିପୋର୍ଟ ଦାଖଲ କରାଯିବ ବୋଲି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ସଙ୍ଗମ କୁମାର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏପ୍ରିଲ ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଛନ୍ତି। ସୁକାନ୍ତ କୁମାର ନାୟକ ଓ ଅନ୍ୟ ୩ ଜଣଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାରେ ସୁକିନ୍ଦା ଅଞ୍ଚଳରେ ୧୩୨ଟି ବିଦ୍ୟାଳୟର ମରାମତି କାର୍ଯ୍ୟ ପ୍ରାୟ ୪୭ ଲକ୍ଷ ଟଙ୍କା ବ୍ୟୟରେ ବିନା ଟେଣ୍ଡରରେ କରାଯାଉଥିବା ଦର୍ଶାଯାଇଥିଲା। ଗତ ଫେବୃୟାରୀ ୧୯ରେ ହାଇକୋର୍ଟ ଏହି ମାମଲାର ପ୍ରାରମ୍ଭିକ ଶୁଣାଣି କରି ତଥ୍ୟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲା ବିଚାରାଧୀନ ଥିବା ବେଳେ ସୁକାନ୍ତ ନାୟକ ଗତ ମାର୍ଚ୍ଚ ୪ରେ ଏକ ସତ୍ୟପାଠ ଦାଖଲ କରି କୋର୍ଟଙ୍କୁ ଅବଗତ କରିଥିଲେ ଯେ ସେ ଏହି ଜନସ୍ୱାର୍ଥ ମାମଲା ଦାୟର କରି ନାହାନ୍ତି। ତେବେ ରିପୋର୍ଟ ଆସିବା ପରେ ସମସ୍ତ କଥା ସ୍ପଷ୍ଟ ହୋଇଯିବ।

## ରିଜର୍ଭ ଫରେଷ୍ଟ ଭିତରେ ଶହଶହ ବେଆଇନ କୋଇଲା ଖଣି : ପ୍ରଶାସନର ଚଢ଼ଉ

**ସୁନ୍ଦରଗଡ଼, ୪।୪ ନ୍ୟୁଜ୍ ବ୍ୟୁରୋ**

ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟର ସବୁଠୁ ବଡ଼ ଖଣି ଚୋରି ସଂପର୍କରେ ସୂଚନା ପାଇବା ପରେ ଚୋରା ଖଣି ଉପରେ ପ୍ରଶାସନ, ପୁଲିସ ଓ ବନବିଭାଗ ପକ୍ଷରୁ ଚଢ଼ଉ ଆରମ୍ଭ ହୋଇଛି। ସୁନ୍ଦରଗଡ଼ ଉପଜିଲ୍ଲାପାଳ ଦାଶରଥି ସରାବୁ, ଉପଖଣ୍ଡ ପୁଲିସ ଅଧିକାରୀ ନିର୍ମଳ ମହାପାତ୍ର, ସୁନ୍ଦରଗଡ଼ ତହସିଲଦାର କୁଳମଣି ରଣବିଡ଼ା, ହେମଗିରି ତହସିଲଦାର ସାରିକା ଧମେଲ, ହେମଗିରି ବନାଞ୍ଚଳ ଅଧିକାରୀ ପ୍ରକାଶ ଚନ୍ଦ୍ର ନାଏକଙ୍କ ସହ ପୁଲିସ ଫୋର୍ସ ଏହି ଚଢ଼ଉରେ ସାମିଲ ହୋଇଥିବା ଜଣାଯାଇଛି। ହେମଗିରି ବ୍ଲକ କୁଲାପଡ଼ାରେ ଚଢ଼ଉ ଚାଲିଛି।



ସୁନ୍ଦରଗଡ଼ ଜିଲ୍ଲାରେ ଚାଲିଛି ରାଜ୍ୟର ସବୁଠୁ ବଡ଼ ଖଣି ଚୋରି। ଜଙ୍ଗଲର ଛାତି ଚିରି ତିଆରି ହୋଇଛି ଗୋଟିଏ ଗୋଟିଏ କରି ୧୦୦ରୁ ଅଧିକ ଚୋରା କୋଇଲା ଖଣି। ସରକାରୀ ଖଣି ଭଳି ଉପର ମାଟି ବାହାର କରି ମାଟିତଳୁ ବାହାର କରାଯାଉଛି ଟନ୍ ଟନ୍ କୋଇଲା। ଗୋପାଳପୁର ଗାଁ ତେଇଁ କୁଲାପଡ଼ା ଓ ତେଲେନଡିହି ରିର୍ଜଭ ଫରେଷ୍ଟ ଭିତରେ ଚାଲିଛି ଶହଶହ ବେଆଇନ କୋଇଲା ଖଣି। ଟନ୍ ଟନ୍ କୋଇଲା। କଳାହୀରାକୁ ବାହାର ରାଜ୍ୟ ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ ଏବଂ ରାଜ୍ୟର ବିଭିନ୍ନ ଅଞ୍ଚଳରେ କୋଟି କୋଟି ଟଙ୍କାରେ ବିକ୍ରି କରୁଛନ୍ତି ମାଫିଆ। ଜଙ୍ଗଲ ଭିତରେ ଯେଉଁ ଖଣି ଓ ଯେଉଁ କୋଇଲା ଗଚ୍ଛିତ ରଖାଯାଇଛି, ତାହା ଦେଖିଲେ ଯେ କେହି ବିସ୍ମିତ ହୋଇଯିବେ। ଶହଶହ ବେଆଇନ କୋଇଲା ଖଣି ଯଦି ଏହି ଜଙ୍ଗଲ ମଧ୍ୟରେ ରହିଛି ଏବଂ ଏହିଠାରୁ ମୁଖ୍ୟ ରାସ୍ତା ଦେଇ ବାହାର ରାଜ୍ୟ ଓ ରାଜ୍ୟ ମଧ୍ୟରେ କୋଇଲା ଚାଲାଣ ହେଉଛି, ତାହାର ଖବର କ'ଣ ଜିଲ୍ଲା ପ୍ରଶାସନ, ପୁଲିସ, ମାଇନିଂ ବିଭାଗ ପାଖରେ ନାହିଁ ? ବଡ଼ବଡ଼ିଆ ବାବୁଙ୍କ କଥା ଛାଡ଼ନ୍ତୁ ବ୍ଲକର ବିଡିଓ, ତହସିଲଦାର, ସ୍ଥାନୀୟ ଆରଆଇ କି ଜଙ୍ଗଲ ଦାୟିତ୍ୱରେ ଥିବା ବନବିଭାଗ ପାଖରେ ମଧ୍ୟ ଏନେଇ ସୂଚନା ନଥିଲା।

## ଆମ୍ବୁଲାନ୍ସରେ ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ : ମହିଳା ଗୁରୁତର

**ମୁରିବାହାଲ, ୪।୪ :ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଚିକିନିବାହାଲି ଗ୍ରାମର ଜଣେ ଗର୍ଭବତୀ ମହିଳା ଶୁକ୍ରବାର ଦୁଇ ଯାଆଁଳା ଶିଶୁଙ୍କୁ ଜନ୍ମ ହେବା ପରେ ଅସୁସ୍ଥ ହୋଇପଡ଼ିଥିଲେ ମହିଳା। ପରେ ତାଙ୍କୁ ଟିଟିଲାଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ମାଆଙ୍କ ସହ ଉଭୟ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ମୁରିବାହାଲ ବ୍ଲକ ଚିକିନିବାହାଲି ଗ୍ରାମର ଜଣେ ଗର୍ଭବତୀ ମହିଳା ଦୁଇ ଯାଆଁଳା ଶିଶୁଙ୍କୁ ଜନ୍ମ ହେବା ପରେ ଅସୁସ୍ଥ ହୋଇପଡ଼ିଥିଲେ। ପରେ ତାଙ୍କୁ ଟିଟିଲାଗଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ମା'ଙ୍କ ସହ ଉଭୟ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ସମସ୍ତଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ହସ୍ପିଟାଲ ସମ୍ମୁଖରେ ସରକାରୀ ୧୦୮ ଆମ୍ବୁଲାନ୍ସର ଅକ୍ସିଜେନ୍ ସିଲିଣ୍ଡର ବିସ୍ଫୋରଣ ଘଟିଥିଲା। ଏହାଫଳରେ ପ୍ରସୂତିଙ୍କ ଜଣେ ସମ୍ପର୍କୀୟ ମହିଳା ଅତି ଗୁରୁତର ସହ ଅନ୍ୟମାନେ ଆହତ ହୋଇଥିବା ଜଣାଯାଇଛି।

## ସୁପ୍ରିମକୋର୍ଟରେ ପହଞ୍ଚିଲା ୱାକଫ(ସଂଶୋଧନ) ବିଲ୍

**ନୂଆଦିଲ୍ଲୀ, ୪।୪**

ୱାକଫ ସଂଶୋଧନ ଆଇନକୁ ନେଇ ସାରା ଦେଶରେ ରାଜନୈତିକ ଉଷ୍ମତା ରହିଛି। କଂଗ୍ରେସ ସମେତ ଅନ୍ୟାନ୍ୟ ବିରୋଧୀ ଦଳ ଏବଂ ଅନେକ ମୁସଲିମ ସଂଗଠନ ଏହି ବିଲ୍‌କୁ ବିରୋଧ କରୁଛନ୍ତି। ଏବେ ୱାକଫ ସଂଶୋଧନ ବିଲ୍ ମାମଲା ମଧ୍ୟ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏଆଇଏମଆଇଏମ ସାଂସଦ ଅସଦୁଦ୍ଦିନ ଓୱେସି ଏବଂ କଂଗ୍ରେସ ସାଂସଦ ମହମ୍ମଦ ଜାଭେଦ ୱାକଫ ସଂଶୋଧନ ଆଇନକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ୱାକଫ୍ ସଂଶୋଧନ ବିଲ୍ ଉପରେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ କହିଛନ୍ତି- 'ଏହି ବିଲ୍ ଲୋକସଭା ଏବଂ ରାଜ୍ୟସଭାରେ ଗୃହୀତ ହୋଇଛି। ଏଥିରେ ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ହେବା ବାକି ଅଛି ଏବଂ ତା'ପରେ ଏହାକୁ



ଆଇନଗତ ଲଢ଼େଇ ଦେଇ ଯିବାକୁ ପଡ଼ିବ। ଆମେ ଯାହା ସାମ୍ବିଧାନିକ ତାହା କରିବୁ। ସଂସଦରେ ଗୃହୀତ ସଂଶୋଧନ ବିଲ୍ ଅସାମ୍ବିଧାନିକ।' ଏହା ପୂର୍ବରୁ କଂଗ୍ରେସ ସାଂସଦ ସୋନିଆ ଗାନ୍ଧି ଏହି ବିଲ୍ ଅସାମ୍ବିଧାନିକ ଓ ଏହାକୁ ବଳପୂର୍ବକ ସଂସଦରେ ଗୃହୀତ କରାଯାଇଛି ବୋଲି କହିଥିଲେ। ତେବେ ତାଙ୍କର ଏହି ବୟାନକୁ ନେଇ ବିବାଦ ଦେଖାଦେଇଛି।

## ବୃଦ୍ଧ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ
## ଏକ ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ଲୁଟିନେଲେ ଦୁର୍ବୃତ୍ତ

**ବାମନାଳ, ୪।୪ ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ବିଳମ୍ବିତ ରାତ୍ରିରେ ପୁରୀ ଜିଲ୍ଲା ବଳଙ୍ଗା ଥାନା ବାମନାଳ ପଞ୍ଚାୟତ ଅନ୍ତର୍ଗତ କମଦରୀ ଗାଁରେ ଟେଣ୍ଟ ମାଲିକ କୁମର ଛାଟୋଇଙ୍କ ଘରେ ପଶି ଦୁଇରୁ ଊର୍ଦ୍ଧ୍ୱ ମୁଖାପିନ୍ଧା ଦୁର୍ବୃତ୍ତ କୁମର ଛାଟୋଇ ଓ ତାଙ୍କ ପତ୍ନୀ ଶୈଳବାଳାଙ୍କୁ ଲୁହା ଛଡ଼ରେ ମରଣାନ୍ତକ ଆକ୍ରମଣ କରି ଏକ ଲକ୍ଷ ଟଙ୍କା, ଦୁଇଟି ହାର, ଦୁଇଟି ସୁନା ଚେନ୍ ଲୁଟ୍ କରିଥିବା ଅଭିଯୋଗ ହୋଇଛି। ମୁଣ୍ଡରେ ଗଭୀର ଆଘାତ ଲାଗି ଗୁରୁତର ହୋଇଥିବା ପତିପତ୍ନୀଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବଳଙ୍ଗା ପୁଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

କୁମର, ତାଙ୍କ ପତ୍ନୀ ଓ ନାତୁଣୀ ଗୋଟେ ଘରେ ଶୋଇଥିବା ବେଳେ ପୁଅ ବୋହୂ ଅନ୍ୟ ଘରେ ଶୋଇଥିଲେ। ବାରିପଟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ କୁମରଙ୍କ ଶୋଇବା ଘର କବାଟ ଭାଙ୍ଗି ଘରେ ପଶିଥିଲେ। କୁମର ଓ ତାଙ୍କ ସ୍ତ୍ରୀ ଉଠିଯିବା ପରେ ଦୁର୍ବୃତ୍ତମାନେ ଉଭୟଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ନାତୁଣୀ ଖଟ ତଳେ ପଶିଯାଇ ଜୀବନ ରକ୍ଷା କରିଥିଲା। ତେବେ କୁମରଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଘଟଣାସ୍ଥଳରେ ବଳଙ୍ଗା ପୁଲିସ ଏବଂ ସାଇଣ୍ଟିଫିକ ଟିମ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି।

## ବିରୂପା ପରି ଅସ୍ତିତ୍ୱ ହରାଉଛି ବଡ଼ଗେଙ୍ଗୁଟି : ପୋତି ହେଉଛି ନଦୀପଠା

**ଚଣ୍ଡିଖୋଲ, ୪।୪ :ନ୍ୟୁଜ୍ ବ୍ୟୁରୋ**

ବିରୂପା ପରି ବଡ଼ଗେଙ୍ଗୁଟି ନଦୀ ଅସ୍ତିତ୍ୱ ହରାଇବାକୁ ବସିଛି। ପୋତି ହୋଇଗଲାଣି ନଦୀପଠା। ବର୍ତ୍ତମାନ ଏହା ଘାସପଡ଼ିଆ ପାଲଟି ଥିବାବେଳେ ସେଥିରେ ଗୋରୁଗାଈ ଚରୁଛନ୍ତି। ଏହି ନଦୀରେ କେଉଁଠି କେମିତି ପାଣିଧାର ଦେଖିବାକୁ ମିଳୁଛି। ଫଳରେ ନଈକୂଳିଆ ବାସିନ୍ଦା ପାଣି ସମସ୍ୟାରେ ଆଉଟୁପାଉଟୁ ହେଉଛନ୍ତି। ଗୋଟିଏ ପଟେ ଚାଷ ପାଇଁ ପାଣି ମିଳୁନି, ଅନ୍ୟପଟେ ଭୂତଳ ଜଳସ୍ତର ତଳକୁ ଖସିବାରେ ଲାଗିଛି।

ସୂଚନା ମୁତାବକ, ବିରୂପା ନଦୀର ଶାଖା ହେଉଛି ବଡ଼ଗେଙ୍ଗୁଟି। କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ଲାପଟୁଆଁ ବରାହିପୁର ନିକଟରୁ ବିରୂପା ନଦୀରୁ ଏହା ବାହାରି ବଡ଼ଗେଙ୍ଗୁଟି ନାମରେ



ମାହାଙ୍ଗା, ବଡ଼ଚଣା ଓ ଧର୍ମଶାଳା ବ୍ଲକ୍‌ର ବିଭିନ୍ନ ଅଞ୍ଚଳ ଦେଇ ପ୍ରବାହିତ ହେବା ସହ ବଡ଼ଚଣାର ସାଉଡ଼ିଆଠାରେ ବ୍ରାହ୍ମଣୀ ନଦୀର ଶାଖା କେଲୁଅ ନଦୀରେ ମିଶିଛି। ମୋଟ ୩୫ କିଲୋମିଟର ଏହା ପ୍ରବାହିତ ହୋଇଛି। ବଡ଼ଗେଙ୍ଗୁଟିର ବରାହିପୁରର ଆରମ୍ଭ ସ୍ଥଳଠାରୁ ୫୩ ନମ୍ବର ଜାତୀୟ ରାଜପଥର ବେଣାପୁର ପର୍ଯ୍ୟନ୍ତ ୧୫ କିଲୋମିଟର ବ୍ୟାପୀ ନଦୀଶଯ୍ୟା ଗତ ୨୦ ବର୍ଷ ହେବ ପୋତି ହେବାରେ ଲାଗିଛି। ପୋତି ହୋଇଯାଇଥିବା ଏହି ଅଞ୍ଚଳ ସବୁ ଘାସପଡ଼ିଆ ପାଲଟି ଯାଇଛି। ନଦୀପଠାର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗଛ ଉଠି ଜଙ୍ଗଲିଆ ପରିବେଶ ସୃଷ୍ଟି ହୋଇଗଲାଣି। କେତେକ ଅଞ୍ଚଳରେ ଚାଷୀମାନେ ଏହାର ପଠାରେ ବିଭିନ୍ନ ପରିବା ଚାଷ କଲେଣି। କିନ୍ତୁ ପୂର୍ବରୁ ନଈକୂଳିଆ ଲୋକେ ଏହି ନଦୀରୁ ପାଣି ମଡ଼ାଇ ସେମାନଙ୍କ ଜମିରେ ବିଭିନ୍ନ ଫସଲ କରୁଥିଲେ। ଏବେ ନଦୀ ପୋତି ହୋଇ ଯାଇଥିବାରୁ ଚାଷୀମାନେ ଜମିରେ ଆଉ ପାଣି ମଡ଼ାଇ ଚାଷ କରି ପାରୁନାହାନ୍ତି ବୋଲି କହିଛନ୍ତି। ଦିନକୁ ଦିନ ପାଣି ସୁଅ କମିଯାଉଥିବାରୁ ନଦୀ କୂଳବର୍ତ୍ତୀ ୮ ପଞ୍ଚାୟତର ଚାଷୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି। ନଦୀର ପୁନରୁଦ୍ଧାର ପାଇଁ ଏହାର ଶଯ୍ୟାକୁ ଖନନ କରିବା ଜରୁରୀ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।


### ପ୍ରକାଶ ଅପେକ୍ଷାରେ...
### 'କଥାକଳିକା' ଏପ୍ରିଲ-୨୦୨୫ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଗଙ୍ଗାଧର ବିଶ୍ୱାଳ
**ସମକାଳର କଥା :** ବୀରେଶ୍ୱର ମହାନ୍ତି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ବରଦା ପ୍ରସନ୍ନ ଦାସ, ଦୁର୍ଗାପ୍ରସାଦ ଆଚାର୍ଯ୍ୟ, କନକ ମଂଜରୀ ମିଶ୍ର, ସୁଜାତା ମହାପାତ୍ର, ଜ୍ଞାନରଂଜନ ନାୟକ, ସଂଯୁକ୍ତା ଦାଶ, ଶରତ କୁମାର ଜେନା, ଅକ୍ଷୟ କୁମାର ମିଶ୍ର, ସୁନୀତା କର।
**ଅନ୍ୟ ଭାଷାର କଥା :** ରେବା ପଟ୍ଟନାୟକ
**ଯୁବ ମାନସର କଥା :** ରଜତ ରଶ୍ମି ସ୍ୱାଇଁ, ପ୍ରତିଭା ସାହୁ, ସୁସ୍ମିତା ମହାପାତ୍ର, ସସ୍ମିତା ରାଉତ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)


## ଭାଙ୍ଗିଲା ମେଘନାଦ ପାଚେରିରେ ଥିବା ମଗରମୁଣ୍ଡ

**ପୁରୀ, ୪।୪ :ନ୍ୟୁଜ୍ ବ୍ୟୁରୋ**

ଶ୍ରୀମନ୍ଦିରକୁ ନେଇ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ଏକ ଭାବାବେଗ ଜଡ଼ିତ ରହିଛି। ମେଘନାଦ ପାଚେରିରେ ଥିବା ଏକ ମଗରମୁଣ୍ଡକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଏହାକୁ ନେଇ ଭକ୍ତ ଓ ସେବାୟତ ଏପରିକି ଏଏସ୍‌ଆଇ ପକ୍ଷରୁ ମଧ୍ୟ କ୍ଷୋଭ ପ୍ରକାଶ କରାଯାଇଛି। ଏଏସ୍‌ଆଇର ବିନା ଅନୁମତିରେ ଐତିହ୍ୟ କୀର୍ତ୍ତିରାଜି ଭାଙ୍ଗିବା ଘଟଣାକୁ ସହଜରେ କେହି ଗ୍ରହଣ କରିପାରୁନାହାନ୍ତି। ଶ୍ରୀମନ୍ଦିର ଦକ୍ଷିଣପାର୍ଶ୍ୱ ମେଘନାଦ ପାଚେରିରେ ନାଳ କାର୍ଯ୍ୟ ଶ୍ରୀମନ୍ଦିର ୱାର୍କସ୍ ଡିପାର୍ଟମେଣ୍ଟ କରୁଥିବା ବେଳେ ମଗରମୁଣ୍ଡ ଭାଙ୍ଗିଯାଇଥିବା ଜଣାପଡ଼ିଛି। ଶ୍ରୀମନ୍ଦିର ଭିତରେ ନାଳ ମରାମତି ହେଉଥିବା ବେଳେ ଏକ ବଡ଼ ପାଇପ୍ ସାହାଯ୍ୟରେ ବର୍ଜ୍ୟଜଳକୁ ନିଷ୍କାସିତ କରିବା ପାଇଁ ଦକ୍ଷିଣ ଦ୍ୱାରରେ ସଂଯୋଗୀକରଣ କରାଯାଇଛି। ଶ୍ରୀମନ୍ଦିର ୱାର୍କସ ଡିପାର୍ଟମେଣ୍ଟ ପକ୍ଷରୁ ଶ୍ରୀମନ୍ଦିର ନାଳ ମରାମତି ଜାରି ରହିଥିବା ବେଳେ ଐତିହ୍ୟ କୀର୍ତ୍ତିରାଜି ଭାଙ୍ଗିଯିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଜାଣିଶୁଣି ଭଙ୍ଗାଯାଇଛି କି କାମ ବେଳେ ଭାଙ୍ଗିଛି ତାହା ସ୍ପଷ୍ଟ କରାଯାଇ ନାହିଁ। ଶ୍ରୀମନ୍ଦିର ପ୍ରଶାସନର ଏପରି ଦାୟିତ୍ୱହୀନ କାର୍ଯ୍ୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ଶ୍ରୀମନ୍ଦିରର ଏହା ଏକ ପୁରାତନ ଐତିହ୍ୟ କୀର୍ତ୍ତିରାଜି ହୋଇଥିବା ବେଳେ ଏଏସ୍‌ଆଇ କର୍ତ୍ତୃପକ୍ଷଙ୍କ ବିନା ଅନୁମତିରେ ବର୍ଜ୍ୟଜଳ ନିଷ୍କାସନ ପାଇଁ ଥିବା ମଗରମୁଣ୍ଡ ଭାଙ୍ଗିବାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ତଥା ମେଘନାଦ ପାଚେରିର ସୁରକ୍ଷା ସମ୍ପୂର୍ଣ୍ଣଭାବେ ଏଏସ୍‌ଆଇ ନିୟନ୍ତ୍ରଣରେ ରହିଛି। ମେଘନାଦ ପାଚେରିରେ କୌଣସି କାର୍ଯ୍ୟ କରିବା ପୂର୍ବରୁ ଏଏସ୍‌ଆଇ ଅନୁମତି ନେବାକୁ ପଡ଼ିଥାଏ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିର ଭିତରେ ଗତ କିଛିଦିନ ହେଲା ନଳାଗୁଡ଼ିକ ମରାମତି ଚାଲିଛି। ଏହି ନଳା ମରାମତି ବେଳେ ଶ୍ରୀମନ୍ଦିରର ପୁରାତନ କୀର୍ତ୍ତିରାଜି ମଗରମୁଣ୍ଡକୁ ଏଏସ୍‌ଆଇର ବିନା ଅନୁମତିରେ ଭାଙ୍ଗି ସେଠାରେ ଏକ ପାଇପ ସଂଯୋଗ କରାଯାଇଛି। ତେବେ ଏଏସ୍‌ଆଇର



ବିନା ଅନୁମତିରେ ନିର୍ମାଣ ନାମରେ ପୁରାତନ କୀର୍ତ୍ତିରାଜିକୁ ଭାଙ୍ଗିବାକୁ ନେଇ ଶ୍ରୀମନ୍ଦିର ଐତିହ୍ୟ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱ ଏଏସ୍‌ଆଇ ହାତରେ ରହିଛି। ତେଣୁ ଶ୍ରୀମନ୍ଦିରର କୌଣସି କାର୍ଯ୍ୟ ଏଏସ୍‌ଆଇର ବିନା ଅନୁମତିରେ ହୋଇପାରିବ ନାହିଁ। ମେଘନାଦ ପାଚେରିର ଐତିହ୍ୟ ସମ୍ପୂର୍ଣ୍ଣ ଭିନ୍ନ। ତାକୁ ଭାଙ୍ଗିବା ଓ କରିବା ପୂର୍ବରୁ ଆଲୋଚନାର ଆବଶ୍ୟକତା ରହିଥାଏ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲା ପ୍ରଶାସକ, ପରିଚାଳନା କମିଟି ମଧ୍ୟରେ ଆଲୋଚନା ହୋଇ ସମସ୍ତଙ୍କ ଜ୍ଞାତସାରରେ ହେବା ଦରକାର ବୋଲି ଦାସମହାପାତ୍ର ମତବ୍ୟକ୍ତ କରିଛନ୍ତି। ହଜୁରୀ କୃଷ୍ଣଚନ୍ଦ୍ର ଖୁଣ୍ଟିଆ କହିଛନ୍ତି, ମଗରମୁଣ୍ଡ ସାହାଯ୍ୟରେ ଲୋକମାନେ ପୂର୍ବରୁ ପାଣି ପିଉଥିଲେ। ବର୍ତ୍ତମାନ ଦେଖିବାକୁ ମିଳୁଛି, ଉକ୍ତ ମଗରମୁଣ୍ଡକୁ ଭାଙ୍ଗି ଦିଆଯାଇ ଅନ୍ୟ ଏକ ପାଇପ ଯୋଗେ ଶ୍ରୀମନ୍ଦିର ବର୍ଜ୍ୟବସ୍ତୁ ନିଷ୍କାସନ ହେଉଛି, ଯାହା ଗ୍ରହଣୀୟ ନୁହେଁ। ସେହିପରି ପୁରୀ ବାସିନ୍ଦାଙ୍କ କହିବା ଅନୁଯାୟୀ, ବହୁ ପୁରାତନ କୀର୍ତ୍ତିରାଜି ଥିଲା। ତାହାରି ଉପରେ ନୂତନ ନିର୍ମାଣ ହୋଇଥିଲେ ହୋଇପାରିଥାନ୍ତା। ପୂର୍ବରୁ ମଧ୍ୟ ଏପରି କାର୍ଯ୍ୟ ହୋଇଥିଲା ଉକ୍ତ ମଗରମୁଣ୍ଡ ଦେଇ ପାଣି ଆସୁଥିଲା। ଏପରି ମଗରମୁଣ୍ଡକୁ ଭାଙ୍ଗିଦେବା ଗ୍ରହଣଯୋଗ୍ୟ ନୁହେଁ ବୋଲି କହିଛନ୍ତି।

ଏନେଇ ଏଏସ୍‌ଆଇ ସୁପରିଣ୍ଟେଣ୍ଡେଣ୍ଟ ଡି.ବି. ଗଡନାୟକ କହିଛନ୍ତି, ଶ୍ରୀମନ୍ଦିର ଦକ୍ଷିଣପାର୍ଶ୍ୱ ମେଘନାଦ ପାଚେରିରେ ଥିବା ଏକ ମଗରମୁଣ୍ଡ ଭଙ୍ଗାଯାଇଥିବା ନେଇ ସୂଚନା ମିଳିଛି। ମେଘନାଦ ପାଚେରିରେ ଏକ ପାଇପ୍ ଲାଇନ ନିଆଯାଇଛି। ଯେଉଁମାନେ ଏପରି କାର୍ଯ୍ୟ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି କାର୍ଯ୍ୟ ନେଇ ଏଏସ୍‌ଆଇକୁ କୌଣସି ସୂଚନା ଦିଆଯାଇ ନାହିଁ କି କୌଣସି ଖବର ନାହିଁ। ମଗରମୁଣ୍ଡ ଭଙ୍ଗାଯାଇଛି ବୋଲି ସାଇଟ୍ ଇନଚାର୍ଜ ରିପୋର୍ଟ ଦେଇଛନ୍ତି। ଏପରି ଦୃଶ୍ୟ ଦେଖି ବହୁତ ଖରାପ ଲାଗୁଛି। ସମସ୍ତଙ୍କ ମିଳିତ ଉଦ୍ୟମରେ ଶ୍ରୀମନ୍ଦିରର ସୁରକ୍ଷା କରିବା ଆବଶ୍ୟକ ରହିଛି। ତେଣୁ ମନମାନୀ କାର୍ଯ୍ୟ କରିବା ଠିକ୍ ନୁହେଁ ବୋଲି ଗଡ଼ନାୟକ ମତବ୍ୟକ୍ତ କରିଛନ୍ତି।